ସପ୍ତଦଶ ବର୍ଷରେ ପଦାର୍ପଣ

ଶିକ୍ଷା, ସଂସ୍କୃତି ଓ ପ୍ରଗତିଭିତ୍ତିକ ସମ୍ବାଦପତ୍ର

Tejaswini

# ତେଜସ୍ୱିନୀ

Page - 08 Rs. 7.00

ବର୍ଷ-୧୭, ସଂଖ୍ୟା-୦୬, ଭୁବନେଶ୍ୱର: ଫେବୃୟାରୀ ୧୬-୨୨, ୨୦୨୬ Vol-17, Issue-06, Bhubaneswar : February 16-22, 2026

RNI NO.ODIODI/2010/33715

## ଏଣିକି ଜମି ପଟ୍ଟାରେ ରହିବ କ୍ୟୁଆର୍ କୋଡ୍

**ଭୁବନେଶ୍ୱର:** ଏଣିକି ଜମି ପଟ୍ଟାରେ ରହିବ କ୍ୟୁଆର କୋଡ୍। ଏହାକୁ ସ୍କାନ୍ କରି ସମ୍ପୃକ୍ତ ଜମିର ସମସ୍ତ ବିବରଣୀ ଜାଣିହେବ ଓ କେହି ଏହାକୁ ଜାଲିଆତି କରି ବିକ୍ରି ପାଇଁ ଉଦ୍ୟମ କଲେ ସମ୍ପୃକ୍ତ ଅଞ୍ଚଳର ତହସିଲଦାର ଓ ରାଜସ୍ୱ ନିରୀକ୍ଷକଙ୍କ ପାଖକୁ ସତର୍କ ସୂଚନା ମଧ୍ୟ ଯିବ। ଏଭଳି ଜ୍ଞାନକୌଶଳ ସମ୍ପନ୍ନ ଜମି ପଟ୍ଟା ପ୍ରସ୍ତୁତ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ କାର୍ଯ୍ୟ କରୁଛନ୍ତି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ରାଜ୍ୟରେ କ୍ରମବର୍ଦ୍ଧିଷ୍ଣୁ ଜମି ଜାଲିଆତି ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇବା, ପ୍ରକୃତ ଜମି ମାଲିକଙ୍କୁ ସୁରକ୍ଷା ଦେବା ସହ ଜମି ମାଫିଆ ଓ ଦଲାଲଙ୍କ ପ୍ରାଦୁର୍ଭାବ ହ୍ରାସ ନିମନ୍ତେ ସରକାର ଏଭଳି ମାଷ୍ଟରପ୍ଲାନ୍ ପ୍ରସ୍ତୁତ



କରିଥିବା ଶ୍ରୀ ପୂଜାରୀ କହିଛନ୍ତି।

ମନ୍ତ୍ରୀ ଶ୍ରୀ ପୂଜାରୀଙ୍କ କହିବା ଅନୁସାରେ, ଆଗାମୀ ଦିନରେ ଜମି ପଟ୍ଟା ବା ରେକର୍ଡ ଅଫ ରାଇଟସରେ ଏକ ସ୍ୱତନ୍ତ୍ର କ୍ୟୁଆର କୋଡ୍ ରହିବ। ଏହି କୋଡକୁ ସ୍କାନ୍ କରିବା ମାତ୍ରେ ସମ୍ପୃକ୍ତ ଜମିର ସମ୍ପୂର୍ଣ୍ଣ ବିବରଣୀ ଓ ଏହାର ଇତିହାସ ମୋବାଇଲ ସ୍କ୍ରିନରେ ଉପଲବ୍ଧ ହେବ। ଏହି ଡିଜିଟାଲ ଯାଞ୍ଚ ପ୍ରକ୍ରିୟା ମାଧ୍ୟମରେ ଜମି କିଣିବାକୁ ଚାହୁଁଥିବା ବ୍ୟକ୍ତି ତୁରନ୍ତ ଜମିର ମାଲିକାନା ସତ୍ତ୍ୱ କାହା ନାଁରେ ଅଛି ଓ ଏଥିରେ କୌଣସି ଆଇନଗତ ସମସ୍ୟା ରହିଛି କି ନାହିଁ ତାହା ମଧ୍ୟ ଜାଣିପାରିବେ।ଏହି ନୂଆ ବ୍ୟବସ୍ଥାରେ ସବୁଠୁ ବଡ଼ ବିଶେଷତ୍ୱ ହେଉଛି ଏହାର ସୁରକ୍ଷା ବ୍ୟବସ୍ଥା। ଯଦି କେହି ଜାଲିଆତି କରି ଜମି ବିକ୍ରି ପାଇଁ ପ୍ରୟାସ କରେ, ତା'ହେଲେ ସମ୍ପୃକ୍ତ ଜମି ଥିବା ଅଞ୍ଚଳର ଆରଆଇ(ରାଜସ୍ୱ ନିରୀକ୍ଷକ) ଓ ତହସିଲଦାରଙ୍କ ପାଖକୁ ଆଲର୍ଟ ମେସେଜ୍ ପଳାଇବ। ଏହାଦ୍ୱାରା ବେଆଇନ କାରବାର ସମ୍ପର୍କରେ ପ୍ରଶାସନ ସଙ୍ଗେସଙ୍ଗେ ଅବଗତ ହୋଇପାରିବ ଓ ଦଲାଲଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାର ସୁଯୋଗ ପାଇପାରିବ । ଏହି ବ୍ୟବସ୍ଥା ଜମି କିଣାବିକାରେ ସ୍ୱଚ୍ଛତା ଆଣିବାରେ ସହାୟକ ହେବ।

କେବଳ ଏହି କ୍ୟୁଆର କୋଡଯୁକ୍ତ ଜମି ପଟ୍ଟା ନୁହେଁ, ବିଭାଗ ପକ୍ଷରୁ ଖୁବଶୀଘ୍ର ରାଜ୍ୟବ୍ୟାପୀ ଜମି ସର୍ବେକ୍ଷଣ ପାଇଁ ମଧ୍ୟ ସରକାର ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ସରକାରୀ ଓ ଘରୋଇ ଜମିର ସୀମା ନିର୍ଦ୍ଧାରଣ ଏହି ସର୍ବେକ୍ଷଣ ମାଧ୍ୟମରେ କରାଯିବ। ପୂର୍ବରୁ ବିଭିନ୍ନ ବିଭାଗକୁ ଦିଆଯାଇଥିବା ଜମିର ବର୍ତ୍ତମାନର ସ୍ଥିତି ଓ ଉପଯୋଗ ସମ୍ପର୍କରେ ମଧ୍ୟ ସଠିକ୍ ଡାଟାବେସ୍ ସରକାରଙ୍କ ପାଖରେ ଉପଲବ୍ଧ ହୋଇପାରିବ। ଯାହାଫଳରେ ସରକାରୀ ଜମିର ସୁପରିଚାଳନା ଓ ଶୃଙ୍ଖଳିତ ଢଙ୍ଗରେ ଉପଯୋଗ କ୍ଷେତ୍ରରେ ଉତ୍ତରଦାୟିତ୍ୱ ରହିପାରିବ ବୋଲି ବିଭାଗ ସୂତ୍ରରୁ ଜଣାପଡ଼ିଛି।

## ଆଇଏଏସ୍ ଅଫିସରସ୍ତରରେ ଅଦଳବଦଳ

ଭୁବନେଶ୍ୱର: ରାଜ୍ୟ ସରକାର ପୁଣିଥରେ ଆଇଏଏସ୍ ଅଫିସରସ୍ତରରେ ଅଦଳବଦଳ କରିଛନ୍ତି। ଦୁଇଟି ବିଭାଗରେ ନୂଆ ସଚିବଙ୍କୁ ନିଯୁକ୍ତି ଦେବା ସହ ଆବୋଲି ସୁନୀଲ ନରଓ୍ୱଣେଙ୍କୁ ଇପିକଲ ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ ହୋଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି ।

ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କମିଶନର ତଥା ସଚିବ ୨୦୦୮ ବ୍ୟାଚ୍ ଆଇଏଏସ୍ ଭୂପେନ୍ଦ୍ର ସିଂ ପୁନିଆଙ୍କୁ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି । ସେ ଦାୟିତ୍ୱ ଗ୍ରହଣ କରିବା ପରେ କୃଷି ସଚିବ ସଚିନ ରାମଚନ୍ଦ୍ର ଯାଦବଙ୍କର କ୍ରୀଡ଼ା ବିଭାଗରୁ ଅତିରିକ୍ତ ଦାୟିତ୍ୱ ସମାପ୍ତ ହେବ। ସେହିପରି ୨୦୧୦ ବ୍ୟାଚ୍ ଆଇଏଏସ୍ ରଶ୍ମିତା ପଣ୍ଡାଙ୍କୁ ଏମ୍ଏସ୍ଏମ୍ଇ ବିଭାଗର କମିଶନର ତଥା ସଚିବ ଭାବେ ନିଯୁକ୍ତି ମିଳିଛି। ଗତ ସପ୍ତାହରେ ତାଙ୍କୁ ଭୁବନେଶ୍ୱର ଉନ୍ନୟନ ପ୍ରାଧିକରଣ(ବିଡିଏ) ଉପାଧ୍ୟକ୍ଷ ଭାବେ ବଦଳି କରାଯାଇଥିଲା। ମାତ୍ର ଏହି ନିର୍ଦ୍ଦେଶକୁ ବାତିଲ କରି ତାଙ୍କୁ ଆଜି ଏମ୍ଏସ୍ଏମ୍ଇ ବିଭାଗର ସଚିବ ଭାବେ ବଦଳି କରାଯାଇଛି। ତାଙ୍କୁ ଷ୍ଟାର୍ଟଅପ୍ ଓଡ଼ିଶାର ଅଧ୍ୟକ୍ଷା ତଥା ସିଇଓ ସହ ଓରସାକ୍ ସିଇଓ ଭାବେ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ ହୋଇଛି। ୨୦୦୯ ବ୍ୟାଚ୍ ଆଇଏଏସ୍ ଡି ପ୍ରଶାନ୍ତ କୁମାର ରେଡ୍ଡୀଙ୍କଠୁ ଏମ୍ଏସ୍ଏମ୍ଇ ବିଭାଗର ସଚିବ ଦାୟିତ୍ୱ କାଢ଼ି ନିଆଯାଇଛି। ତାଙ୍କୁ ଇଡ୍‌କୋ ପରିଚାଳନା ନିର୍ଦ୍ଦେଶକ ଭାବେ ପୂର୍ଣ୍ଣକାଳୀନ ଦାୟିତ୍ୱ ତୁଲାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ସେ ଏମ୍ଏସ୍ଏମ୍ଇ ସଚିବ ସହ ଅତିରିକ୍ତ ଭାବେ ଇଡକୋ ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ତୁଲାଉଥିଲେ। ସେହିପରି ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଅତିରିକ୍ତ ସଚିବ ୨୦୧୨ ବ୍ୟାଚ୍ ଆଇଏଏସ୍ ସୁରେନ୍ଦ୍ର କୁମାର ମୀନାଙ୍କୁ ସେଣ୍ଟର ଫର ମଡର୍ଣ୍ଣାଇଜେସନ୍ ଗଭର୍ଣ୍ଣମେଣ୍ଟ ଇନିସିଏଟିଭ(ସିଏମଜିଆଇ), ପ୍ରଶାସନିକ ଓ ଶାସନ ସଂସ୍କାର କମିଟିର ଆବାହକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ।

## ସଂଶୋଧିତ ହେଲା ସରକାରଙ୍କ ଥଇଥାନ ପ୍ୟାକେଜ୍

### ମାଓବାଦୀଙ୍କ ଉପରେ ଟଙ୍କା ବର୍ଷା

ଭୁବନେଶ୍ୱର: ଅନ୍ୟ ରାଜ୍ୟର ନକ୍ସଲ, ଓଡ଼ିଶାରେ କରିପାରିବେ ସରେଣ୍ଡର। ନକ୍ସଲମୁକ୍ତ ଦେଶ ପାଇଁ ରାଜ୍ୟ ସରକାର ପ୍ରସ୍ତୁତ କରିଛନ୍ତି ନୂଆ ରୋଡ୍ ମ୍ୟାପ୍। ୨ ମାସରେ ଦ୍ୱିତୀୟ ଥର ପାଇଁ ସଂଶୋଧିତ ହୋଇଛି ମାଓବାଦୀଙ୍କ ଥଇଥାନ ପ୍ୟାକେଜ୍। ଏଥିରେ କିଛି ନୂଆ ବ୍ୟବସ୍ଥା କରାଯିବା ସହ ନକ୍ସଲଙ୍କୁ ମୁଖ୍ୟସ୍ରୋତକୁ ଫେରି ଆସିବା ପାଇଁ ବ୍ୟବସ୍ଥା କରାଯାଉଛି। ଓଡ଼ିଶା ବାହାରେ ସକ୍ରିୟ ଥିବା ନକ୍ସଲ ଓଡ଼ିଶାରେ ସରେଣ୍ଡର କରିପାରିବେ। ଓଡ଼ିଶା ସରକାରଙ୍କ ନକ୍ସଲ ସରେଣ୍ଡର୍ ପ୍ୟାକେଜ୍ ସେମାନଙ୍କୁ ମିଳିବ। ରାଜ୍ୟ ଗୃହ ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ଜାରି ହୋଇଛି।

ଥଇଥାନ ପ୍ୟାକେଜ ବା ପୁନର୍ବାସ ନୀତିରେ ନୂଆ ନିୟମ ଅନୁସାରେ ସବୁ ପ୍ରକାର ସୁବିଧା ସୁଯୋଗ ଦିଆଯିବ। ଆତ୍ମସମର୍ପଣର ୬୦ ଦିନ ସୁଦ୍ଧା ମିଳିବ ଥଇଥାନ। ତା'ସହ ମୁଣ୍ଡ ଜାମିନ ପୁରସ୍କାର ରାଶିକୁ ଅଧିକ ଆକର୍ଷଣୀୟ କରାଯାଇଛି। ଫଳରେ ଅଧିକରୁ ଅଧିକ ନକ୍ସଲ ହିଂସା ଛାଡ଼ି ମୁଖ୍ୟସ୍ରୋତକୁ ଫେରିବେ। ଏବେ ନକ୍ସଲ ସରେଣ୍ଡର କଲେ ଯଦି ସେ, କେନ୍ଦ୍ରୀୟ କମିଟି ବା ପଲିଟବ୍ୟୁରୋ ସଭ୍ୟ ହେଇଥିଲେ ସର୍ବାଧିକ ୧ କୋଟି ୧୦ ଲକ୍ଷ ଟଙ୍କା ମିଳୁଛି। ତା' ସହ ରାଜ୍ୟ କମିଟି ସଦସ୍ୟ ହେଇଥିଲେ ୫୫ ଲକ୍ଷ, ଆଞ୍ଚଳିକ କମିଟି ସଭ୍ୟ ହୋଇଥିଲେ ମିଳିବ ୩୩ ଲକ୍ଷ ଟଙ୍କା। ୫ ଲକ୍ଷରୁ ଅଧିକ ପୁରସ୍କାର ଥିବା ନକ୍ସଲଙ୍କୁ ଅତିରିକ୍ତ ୧୦ ଲକ୍ଷ ଫିକ୍ସଡ୍ ଡିପୋଜିଟ୍ ମିଳିବ।

ଗୃହ ବିଭାଗ ପକ୍ଷରୁ ଜାରି ହୋଇଥିବା ବିଜ୍ଞପ୍ତିରେ ଥଇଥାନ ପ୍ୟାକେଜ ବା ପୁନର୍ବାସ ନୀତିରେ ସର୍ବଭାରତୀୟସ୍ତରର କ୍ୟାଡରଙ୍କ ପାଇଁ ନୂଆ ନିୟମ ଯୋଡ଼ାଯାଇଛି । ନୂତନ ନିୟମ ଅନୁସାରେ ଯଦି କୌଣସି ନକ୍ସଲ ଓଡ଼ିଶାର ବାସିନ୍ଦା ନୁହଁନ୍ତି କିନ୍ତୁ ଓଡ଼ିଶାରେ ସକ୍ରିୟ ଅଛନ୍ତି, ସେମାନେ ମଧ୍ୟ ଏହି ଯୋଜନାରେ ସମସ୍ତ ସୁବିଧା ପାଇପାରିବେ। ନୂଆ ନୀତିରେ ମୁଣ୍ଡଜାମିନ ପୁରସ୍କାର ରାଶିକୁ ଅତ୍ୟଧିକ ବୃଦ୍ଧି କରାଯାଇଛି । କେନ୍ଦ୍ରୀୟ କମିଟି ସଭ୍ୟ ବା ପଲିଟବ୍ୟୁରୋ ସଭ୍ୟଙ୍କ ପାଇଁ



ସର୍ବାଧିକ ୧.୧୦ କୋଟି ଟଙ୍କା, ରାଜ୍ୟ କମିଟି ସଭ୍ୟଙ୍କ ପାଇଁ ୫୫ ଲକ୍ଷ ଟଙ୍କା ଓ ଆଞ୍ଚଳିକ କମିଟି ସଭ୍ୟଙ୍କ ପାଇଁ ୩୩ ଲକ୍ଷ ଟଙ୍କାର ପୁରସ୍କାର ରାଶି ଧାର୍ଯ୍ୟ ହୋଇଛି । ଏହାବ୍ୟତୀତ ୫ ଲକ୍ଷ ଟଙ୍କାରୁ ଅଧିକ ପୁରସ୍କାର ଥିବା ସକ୍ରିୟ ନକ୍ସଲମାନେ ଆତ୍ମସମର୍ପଣ କଲେ ସେମାନଙ୍କୁ ଅତିରିକ୍ତ ୧୦ ଲକ୍ଷ ଟଙ୍କାର ଏକକାଳୀନ ରାଶି ଫିକ୍ସଡ୍ ଡିପୋଜିଟ୍ ଆକାରରେ ଦିଆଯିବ ।

ଅସ୍ତ୍ରଶସ୍ତ୍ର ସହ ଆତ୍ମସମର୍ପଣ କରୁଥିବା କ୍ୟାଡରମାନଙ୍କ ପାଇଁ ସରକାର ସ୍ୱତନ୍ତ୍ର ଦର ତାଲିକା ଜାରି କରିଛନ୍ତି। ତଦନୁଯାୟୀ ଏଲଏମଜି ବନ୍ଧୁକ ପାଇଁ ୪.୯୫ ଲକ୍ଷ ଟଙ୍କା, ଏକେ-୪୭ ପାଇଁ ୩.୩୦ ଲକ୍ଷ ଟଙ୍କା, ଇନସାସ୍ ବା ଏସଏଲଆର ରାଇଫଲ୍ ପାଇଁ ୧.୬୫ ଲକ୍ଷ ଟଙ୍କା ଅଲଗା ଭାବେ ପ୍ରଦାନ କରାଯିବ। ଏପରିକି ଗୋଟିଏ ଗ୍ରେନେଡ ପାଇଁ ୫୫୦ ଟଙ୍କା ଓ ପ୍ରତିଟି ଗୁଳି ପାଇଁ ୫୫ ଟଙ୍କାର ପୁରସ୍କାର ରଖାଯାଇଛି ।କୌଣସି ଅସ୍ତ୍ର ନଥାଇ ଆତ୍ମସମର୍ପଣ କଲେ ମଧ୍ୟ ସମସ୍ତଙ୍କୁ ଅତିରିକ୍ତ ୨୫ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ମିଳିବ ।ରାଜ୍ୟ ଗୃହ ବିଭାଗ ଗତ ୨୦୨୫ ନଭେମ୍ବର ୨୭ରେ ଜାରି ସଂଶୋଧିତ ପୁନର୍ବାସ ନୀତିକୁ ମାତ୍ର ତିନି ମାସ ମଧ୍ୟରେ ପୁଣିଥରେ ସଂଶୋଧନ କରିଛନ୍ତି। ଚଳିତବର୍ଷ ମାର୍ଚ୍ଚ ଶେଷ ସୁଦ୍ଧା ଓଡ଼ିଶାକୁ ନକ୍ସଲମୁକ୍ତ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ଏବେ ନିର୍ଣ୍ଣାୟକ ଲଢ଼େଇ ଆରମ୍ଭ କରିଛନ୍ତି ।ଚଳିତ ବର୍ଷ ମାର୍ଚ୍ଚ ୩୧ ସୁଦ୍ଧା ନକ୍ସଲ ମୁକ୍ତ ଭାରତ ଗଠନ ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଆହ୍ୱାନ କରିଛନ୍ତି। ଏଥିପାଇଁ ଦେଶର ଜୋରଦାର ଚାଲିଛି ନକ୍ସଲ ବିରୋଧୀ ଅପରେସନ। ନିକଟରେ ଓଡ଼ିଶାର କୋରାପୁଟ ଜିଲ୍ଲା ମାଓମୁକ୍ତ ଘୋଷଣା କରାଯାଇଛି। ଖୁବ ଶୀଘ୍ର ମାଓ ମୁକ୍ତ ହେବ ଓଡ଼ିଶା । ଏଥିପାଇଁ ସରକାର ନୂଆ ରୋଡ ମ୍ୟାପ ପ୍ରସ୍ତୁତ କରିଛନ୍ତି ।

## ରତ୍ନଭଣ୍ଡାର ଗଣତି ନେଇ ହାଇକୋର୍ଟଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର: ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାର ଚାବି ହଜିବା ଘଟଣା ଓ ମହାପ୍ରଭୁଙ୍କ ଦୁର୍ଲଭ ଅଳଙ୍କାରର ତାଲିକା ପ୍ରସ୍ତୁତି କରିବା ପାଇଁ ରୁଜୁ ଜନସ୍ୱାର୍ଥ ମାମଲାରେ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ୩ ମାସ ମଧ୍ୟରେ ରତ୍ନଭଣ୍ଡାର ଅଳଙ୍କାର ଗଣତି ମଣତି ଶେଷ କରିବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଆସନ୍ତା ବିଧାନସଭା ଅଧିବେଶନରେ ଜଷ୍ଟିସ୍ ରଘୁବୀର ଦାସ କମିଶନଙ୍କ ରିପୋର୍ଟ ଉପସ୍ଥାପନ କରିବା ପାଇଁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଆଦେଶ ଦେଇଛନ୍ତି । ସୂଚନାଥାଉକି ୨୦୧୮ମସିହାରେ ଚାବି ହଜିଥିବା ବେଳେ ତଦନ୍ତ ନେଇ ରାଜ୍ୟ ସରକାର ହାଇକୋର୍ଟର ପୂର୍ବତନ ବିଚାରପତି ରଘୁବୀର ଦାସଙ୍କୁ ନେଇ ଏକ କମିଶନ ଗଠନ କରିଥିଲେ। କମିଶନ ମଧ୍ୟ ଘଟଣାର ତଦନ୍ତ କରି ରାଜ୍ୟ ସରକାରଙ୍କୁ ଏହାର ରିପୋର୍ଟ ପ୍ରଦାନ କରିଥିଲେ। ତେବେ ପରବର୍ତ୍ତୀ ସମୟରେ ରତ୍ନଭଣ୍ଡାର ମରାମତି କରିବା ସହ ମହାପ୍ରଭୁଙ୍କ ଦୁର୍ଲଭ ଅଳଙ୍କାରର ତାଲିକା ପ୍ରସ୍ତୁତି ପାଇଁ ହାଇକୋର୍ଟରେ ଏକାଧିକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଥିଲା। ଏଥିରେ ରାଜ୍ୟପାଳ ଅଥବା ହାଇକୋର୍ଟର ଜଣେ କାର୍ଯ୍ୟକାରୀ ବିଚାରପତିଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରି ତୁରନ୍ତ ଗଚ୍ଛିତ ଅଳଙ୍କାରର ତାଲିକା ତିଆରି କରିବାକୁ ପ୍ରାର୍ଥନା କରାଯାଇଥିଲା । ରତ୍ନଭଣ୍ଡାର ଖୋଲିବାରେ ପ୍ରତିପକ୍ଷ କାର୍ଯ୍ୟାନୁଷ୍ଠାନ ନେଉନଥିବାରୁ ପ୍ରତ୍ନତତ୍ୱ ବିଭାଗ ଏହାର ମରାମତି କାର୍ଯ୍ୟ କରିପାରୁନାହିଁ।

ତେଜସ୍ୱିନୀ

ବିଶେଷ ଦୃଷ୍ଟି ଆକର୍ଷଣ

- କାଶୀ ବିଶ୍ୱନାଥ ମନ୍ଦିର
- ଜୀବନ ଓ ବାସ୍ତୁ ଶାସ୍ତ୍ର
- ଭୂତଳ ଜଳରେ ୟୁରାନିୟମ୍
- ରୁଦ୍ରାକ୍ଷ

# ଗମ୍ଭୀର ସ୍ଥିତିରେ ବାୟୁ ପ୍ରଦୂଷଣ

ସମ୍ପ୍ରତି ବାୟୁ ପ୍ରଦୂଷଣ ଏକ ଜଟିଳ, ବୈଶ୍ୱିକ ଜରୁରିକାଳୀନ ପରିସ୍ଥିତି ପାଲଟିଛି। ଭାରତ ପରିପ୍ରେକ୍ଷୀରେ ଏହା ସ୍ୱାସ୍ଥ୍ୟ ନିମନ୍ତେ ପରିବେଶୀୟ ବିପଦ ଭାବରେ ଉଭା ହୋଇଛି। ନିକଟରେ ସୁଇଜରଲାଣ୍ଡର ଡାଭୋସରେ ଅନୁଷ୍ଠିତ ବିଶ୍ୱ ଅର୍ଥନୈତିକ ଫୋରମ୍ ବୈଠକରେ ଅଂଶଗ୍ରହଣ କରି ପୂର୍ବତନ ଆଇଏମ୍ଏଫ୍ ଅର୍ଥନୀତିଜ୍ଞ ଗୀତା ଗୋପୀନାଥ ବ୍ୟକ୍ତ କରିଥିଲେ ଯେ ବାୟୁ ପ୍ରଦୂଷଣ ଭାରତ ପାଇଁ ଏକ ବଡ଼ ଆର୍ଥିକ ଚ୍ୟାଲେଞ୍ଜ, ଯାହା ଦେଶ ଉପରେ ଲାଗୁ ହେଉଥିବା ବୈଶ୍ୱିକ ଶୁଳ୍କକୁ ମଧ୍ୟ ଅତିକ୍ରମ କରେ। ଏହା ବାର୍ଷିକ ୧୭ ଲକ୍ଷ ମୃତ୍ୟୁ (ମୋଟ ମୃତ୍ୟୁର ୧୮%) ନିମନ୍ତେ ଦାୟୀ ଏବଂ ଭାରତକୁ ୩୩୯ ବିଲିୟନ ଡଲାର ବା ଏହାର ଜିଡିପିର ୯.୫% କ୍ଷତି ପହଞ୍ଚାଏ, ଯାହା ଜୀବନ ଓ ଅର୍ଥନୈତିକ ଅଭିବୃଦ୍ଧିକୁ ନକାରାତ୍ମକ ଭାବେ ପ୍ରଭାବିତ କରେ। ସ୍ୱାସ୍ଥ୍ୟ ଏବଂ ଜଳବାୟୁ ପରିବର୍ତ୍ତନ ଉପରେ ଆମେରିକାର ଲାନ୍‌ସେଟ କାଉଣ୍ଟଡାଉନ୍‌ରେ ସଦ୍ୟତମ ୨୦୨୫ ରିପୋର୍ଟ ପ୍ରକାଶ କରିଛି ଯେ ପ୍ରଦୂଷଣ ହେଉଛି ଭାରତରେ ଏକ ଗମ୍ଭୀର ସାର୍ବଜନୀନ ସ୍ୱାସ୍ଥ୍ୟ ସଙ୍କଟ। ଚିନ୍ତାଜନକ ଭାବରେ, ଭାରତରେ ବାୟୁ ପ୍ରଦୂଷଣଜନିତ ମୃତ୍ୟୁ ସଂଖ୍ୟା ୨୦୨୨ରେ ୧୭ ଲକ୍ଷରୁ ଅଧିକରେ ପହଞ୍ଚିଥିଲା, ଯାହା ୨୦୧୦ ତୁଳନାରେ ୩୮% ବୃଦ୍ଧିକୁ ସୂଚିତ କରେ।

ପ୍ରତିବର୍ଷ ତମାଖୁ ସେବନ ତୁଳନାରେ ପ୍ରଦୂଷଣ ଯୋଗୁ ଅଧିକ ସଂଖ୍ୟକ ଲୋକଙ୍କ ମୃତ୍ୟୁ ଘଟୁଛି। ସୁଇଜରଲାଣ୍ଡର ଆଇକ୍ୟୁଏଆର୍ ସଂସ୍ଥା ଦ୍ୱାରା ପ୍ରସ୍ତୁତ ବିଶ୍ୱ ବାୟୁ ଗୁଣବତ୍ତା ରିପୋର୍ଟ ୨୦୨୪ ଅନୁଯାୟୀ, ଭାରତ ଅତ୍ୟନ୍ତ ଖରାପ ବାୟୁ ଗୁଣବତ୍ତା ଦୃଷ୍ଟିରୁ ବିଶ୍ୱରେ ୨୦୨୩ର ତୃତୀୟ ସ୍ଥାନରୁ ନିମ୍ନଗାମୀ ହୋଇ ପଞ୍ଚମ ସ୍ଥାନରେ ପହଞ୍ଚିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଡବ୍ଲ୍ୟୁଏଚ୍‌ଓ) ମାନଦଣ୍ଡ ତୁଳନାରେ ପିଏମ୍ ୨.୫ (ପ୍ରଦୂଷଣକାରୀ ସୂକ୍ଷ୍ମ କଣିକା) ପରିମାଣ ବହୁ ଉଚ୍ଚ ସ୍ତରରେ ରହିଛି। ଭାରତରେ ୨୦୨୪ ର ବାର୍ଷିକ ହାରାହାରି ପିଏମ୍ ୨.୫ ମାତ୍ରା ପ୍ରାୟ ଘନମିଟରରେ ୫୦.୬ ମାଇକ୍ରୋଗ୍ରାମ ଥିଲା, ଯାହା ଡବ୍ଲ୍ୟୁଏଚ୍‌ଓ ଦ୍ୱାରା ସୁପାରିସ ହୋଇଥିବା ସୀମା ୫ ମାଇକ୍ରୋଗ୍ରାମ୍‌ର ପ୍ରାୟ ଦଶ ଗୁଣରୁ ଅଧିକ। ଏପରି ବିପଦପୂର୍ଣ୍ଣ ମାତ୍ରାର ଦୀର୍ଘକାଳୀନ ସଂସ୍ପର୍ଶରେ ଆସିବା ସ୍ୱାସ୍ଥ୍ୟ ସମସ୍ୟାର କାରଣ ପାଲଟୁଛି। ବାସ୍ତବରେ ବିଶ୍ୱର ସର୍ବାଧିକ ୨୦ଟି ପ୍ରଦୂଷିତ ସହର ମଧ୍ୟରୁ ୧୩ଟି ଭାରତରେ ଅବସ୍ଥିତ ଏବଂ ଦିଲ୍ଲୀ ନିରନ୍ତର ଭାବରେ ବିଶ୍ୱର ସର୍ବାଧିକ ପ୍ରଦୂଷିତ ରାଜଧାନୀ ସହରର କୁଖ୍ୟାତି ଅର୍ଜନ କରିଛି। ବିଶ୍ୱ ବାୟୁ ଗୁଣବତ୍ତା ରିପୋର୍ଟ ୨୦୨୩ ଅନୁଯାୟୀ, ବିଶ୍ୱର ୧୦୦ଟି ପ୍ରଦୂଷିତ ସହର ମଧ୍ୟରୁ ୮୩ଟି ଭାରତରେ ଅବସ୍ଥିତ। ଏସବୁ ତଥ୍ୟ ସୂଚିତ କରୁଛି ଯେ ପ୍ରଦୂଷଣଜନିତ ସମସ୍ୟା କ୍ରମେ ଅଧିକ ଗମ୍ଭୀର ହୋଇ ଉଭୟ ଜନସମାଜ ଏବଂ ପରିବେଶକୁ ରୋଗାକ୍ରାନ୍ତ କରୁଛି। ଡବ୍ଲ୍ୟୁଏଚ୍‌ଓ ତଥ୍ୟ ଦର୍ଶାଉଛି ଯେ ବାହ୍ୟ ବାୟୁ ପ୍ରଦୂଷଣ ଯୋଗୁ ପ୍ରତିବର୍ଷ ବିଶ୍ୱରେ ହୃଦ୍‌ରୋଗ ଏବଂ ଶ୍ୱାସକ୍ରିୟାଜନିତ ରୋଗରେ ପ୍ରାୟ ୭୦ ଲକ୍ଷ ଅକାଳ ମୃତ୍ୟୁ ହେଉଛି। ଅନ୍ତର୍ଜାତୀୟ ଅଧ୍ୟୟନ (ଯଥା, ଲାନସେଟ ପ୍ଲାନେଟାରି ହେଲ୍‌ଥ) ସୂଚିତ କରେ ଯେ କୌଣସି ଭାରତୀୟ ସହର ଡବ୍ଲ୍ୟୁଏଚ୍‌ଓର ବାୟୁ ଗୁଣବତ୍ତା ମାନଦଣ୍ଡ ପୂରଣ କରେ ନାହିଁ, ଅର୍ଥାତ୍ ପ୍ରାୟତଃ ସମଗ୍ର ଜନସଂଖ୍ୟା ସାରା ବର୍ଷ କଣିକା ପଦାର୍ଥର କ୍ଷତିକାରକ ସ୍ତରର ସମ୍ମୁଖୀନ ହୁଏ। ଏପରି ପ୍ରଦୂଷଣକାରୀ ପଦାର୍ଥସବୁର ଦୀର୍ଘକାଳୀନ ସଂସ୍ପର୍ଶରେ ଆସିବା ଶ୍ୱାସକ୍ରିୟା ସଂକ୍ରମଣ, ହୃଦ୍‌ରୋଗ, ମସ୍ତିଷ୍କ ଷ୍ଟ୍ରୋକ୍ ଏବଂ ମୃତ୍ୟୁ ହାର ବୃଦ୍ଧି ସହ ଜଡ଼ିତ। ନେଚର ପତ୍ରିକାରେ ପ୍ରକାଶିତ ଗବେଷଣାରୁ ସ୍ପଷ୍ଟ ହୋଇଛି ଯେ ନିର୍ଗମନର ଗଭୀର ହ୍ରାସ ବିନା ବୃଦ୍ଧି ପାଉଥିବା କଣିକା ପ୍ରଦୂଷଣ ସ୍ୱାସ୍ଥ୍ୟ ବୋଝକୁ ଆହୁରି ଖରାପ ସ୍ତରକୁ ନେବ ଏବଂ ବିଶେଷକରି ଜଳବାୟୁ ପରିବର୍ତ୍ତନର ବର୍ଦ୍ଧିତ ଚାପ ପରିପ୍ରେକ୍ଷୀରେ ଆର୍ଥିକ ପ୍ରଗତିକୁ ବାଧାପ୍ରାପ୍ତ କରିବ। ଆମ ଦେଶରେ ଅଣ-ହାସଲକାରୀ ସହରାଞ୍ଚଳମାନ (ମୁଖ୍ୟତଃ ପିଏମ୍ ୨.୫ ଏବଂ ପିଏମ୍ ୧୦ ପରିମାଣକୁ ନେଇ) ଚିହ୍ନଟ ହୋଇଛନ୍ତି, ଯାହା ଲଗାତର ୫ ବର୍ଷ ଧରି ଜାତୀୟ ଚତୁଃପାର୍ଶ୍ୱ (ଆମ୍ବିଏଣ୍ଟ) ବାୟୁ ଗୁଣବତ୍ତା ମାନଦଣ୍ଡ ପୂରଣ କରିବାରେ ବିଫଳ ହୋଇଛନ୍ତି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦେଶର ୨୪ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ପ୍ରଦେଶରେ ୧୩୧ଟି ଏପରି ସହର ଚିହ୍ନଟ କରିଛି। ଓଡ଼ିଶାର ୭ଟି ସହର- ଭୁବନେଶ୍ୱର, କଟକ, ବାଲେଶ୍ୱର, କଳିଙ୍ଗନଗର, ତାଳଚେର, ଅନୁଗୁଳ ଏବଂ ରାଉରକେଲା ଏହି ସୂଚୀରେ ଅନ୍ତର୍ଭୁକ୍ତ। କ୍ରମାଗତ ଯାନବାହନ ସଂଖ୍ୟା ବୃଦ୍ଧି ପାଇବା, ଡିଜେଲ ଯାନର ଅତ୍ୟଧିକ ବ୍ୟବହାର ସହିତ ଟ୍ରାଫିକ୍ ଭିଡ଼ ଏବଂ ଅଧିକ ପ୍ରଦୂଷଣ ସୃଷ୍ଟିକାରୀ ପୁରୁଣା ଯାନସବୁର ଚଳାଚଳ ହେଉଛି ଏକ ମୁଖ୍ୟ ସମସ୍ୟା। କେବଳ ଭୁବନେଶ୍ୱରରେ ୨୦୨୪-୨୦୨୫ ସୁଦ୍ଧା ମୋଟ ୧୪ ଲକ୍ଷରୁ ଅଧିକ ପଞ୍ଜୀକୃତ ଯାନବାହନ ରେକର୍ଡ ହୋଇଛି ଏବଂ ପ୍ରତି ମାସ ନୂତନ ଭାବେ ୧୨,୦୦୦ ଗାଡ଼ିର ପଞ୍ଜୀକରଣ ହେଉଛି। ଜୀବାଶ୍ମ ଇନ୍ଧନ ବ୍ୟବହାରରେ ହ୍ରାସ ଘଟାଇ, ସ୍ୱଚ୍ଛ ଶକ୍ତି ଉତ୍ସକୁ ପ୍ରାଧାନ୍ୟ ଦେଇ, ବର୍ଜ୍ୟବସ୍ତୁ ପରିଚାଳନାରେ ଉନ୍ନତି ଆଣି ଏବଂ ପରିବେଶ ଅନୁକୂଳ ଅଭ୍ୟାସ ଗ୍ରହଣ କରି ବାୟୁ ପ୍ରଦୂଷଣକୁ ରୋକାଯାଇ ପାରିବ। ଅନ୍ୟ ପ୍ରମୁଖ କାର୍ଯ୍ୟଗୁଡ଼ିକ ମଧ୍ୟରେ ସାର୍ବଜନୀନ ପରିବହନକୁ ପ୍ରାଧାନ୍ୟ; କାର୍ପୁଲିଂ, ସାଇକେଲର ବ୍ୟବହାର ଏବଂ ଚାଲିବାକୁ ଗୁରୁତ୍ୱ, ବିଦ୍ୟୁତ୍ ସଂରକ୍ଷଣ, ଖୋଲାରେ ଅଳିଆ ଜାଳିବାକୁ ଏଡ଼ାଇବା ଏବଂ ବାୟୁ ବିଶୁଦ୍ଧକରଣ ନିମନ୍ତେ ସବୁଜିମାର ବ୍ୟାପକ ବୃଦ୍ଧି ଅନ୍ତର୍ଭୁକ୍ତ। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ପୂର୍ବ ନିର୍ଦ୍ଦେଶାନୁଯାୟୀ ପ୍ରତ୍ୟେକ ସହରାଞ୍ଚଳ ନିମନ୍ତେ ନିର୍ଦ୍ଦିଷ୍ଟ କାର୍ଯ୍ୟ ଯୋଜନା କାର୍ଯ୍ୟକାରୀ କରିବା ଏବଂ ଏଥିରେ ନାଗରିକଙ୍କର ସମ୍ପୃକ୍ତି ଦ୍ୱାରା ଏକ ସୁରକ୍ଷିତ ପରିବେଶରେ ଜୀବନଯାପନ ସମ୍ଭବପର ହେବ।

# ଉଠିବା ଦରକାର

ପ୍ରଥମ ବିଶ୍ୱଯୁଦ୍ଧ ସମୟର ଇଟାଲୀୟ ଆମ୍ବୁଲାନ୍ସ ଚାଳକ, ପରବର୍ତ୍ତୀ ସମୟରେ ଗୁରୁତର ଆହତ ଅର୍ନେଷ୍ଟ ହେମିଂୱେଙ୍କ କଥା ଆଜି ବି ପାସୋରି ପାରି ନାହାନ୍ତି ଅର୍ଥନୈତିକ ବିଶାରଦଗଣ। ୧୯୫୪ରେ ନିଜ ପୁସ୍ତକ 'ଫାରୱେଲ ଟୁ ଆର୍ମସ' ପାଇଁ ନୋବେଲ ପୁରସ୍କାର ନେଉଥିବା ଦୃଶ୍ୟଟିରୁ ଲାଗେ ଯେମିତି ନିଜ ଆହତ ଶରୀରକୁ ଯୁଦ୍ଧଭୂମିରୁ ବୋହି ନେଉଛନ୍ତି ନିଜ ଆମ୍ବୁଲାନ୍ସରେ। ଆଖିଦେଖା କଥାକୁ ଲେଖାରେ ପ୍ରକାଶ କଲେ ସେ- 'ଦ ୱାର୍ଲଡ ବ୍ରେକ୍ସ ଏଭ୍ରିୱାନ, ଆଣ୍ଡ ଆଫ୍ଟରୱାର୍ଡ, ମେନି ଆର୍ ଷ୍ଟ୍ରଙ୍ଗ ଆଟ୍ ଦ ବ୍ରୋକନ ପ୍ଲେସେସ୍'। ସେହି ଏକା ସମୟରେ ଗୁରୁତର ହୋଇଥିବା ଫ୍ରାନ୍ସର ଉତ୍ତରପୂର୍ବ ଶିଳ୍ପାଞ୍ଚଳ ପୁଣି ଛିଡ଼ାହେଲା, ୧୯୨୪ ବେଳକୁ ଦୁଇପାଦ ଆଗରେ ଥିଲା। ନିଜ ଦେଶରେ ଯୁଦ୍ଧ ନ ହୋଇ ମଧ୍ୟ ମାନବ ସମ୍ବଳ ଆଉ ଆର୍ଥିକ କ୍ଷତି ଆମେରିକାରେ ସର୍ବାଧିକ। ତଥାପି ଜଲ୍‌ଦି ସୁସ୍ଥ ହୋଇ ବିଶ୍ୱ ନେତୃତ୍ୱରେ ଅଗ୍ରଣୀ ଭୂମିକା ନେଇଗଲା। ଫିନ୍‌ଲାଣ୍ଡ ୧୯୧୭-୧୮ରେ ରୁଷିଆଠାରୁ ସ୍ୱାଧୀନତା ପାଇଲା ବେଳେ ଗୃହଯୁଦ୍ଧରେ ଘାଇଲା। ପରବର୍ତ୍ତୀ ସମୟରେ କେହି ବି ସେ ଦେଶକୁ ଗଲେ ବୁଝି ପାରିବନି ଯେ ସେଠାରେ ଦିନେ ସାମାଜିକ ଆର୍ଥିକ ପ୍ରଗତି ଯୁଦ୍ଧ ଘନଘଟାର ସୁନାମିରେ ପୋତି ହୋଇ ପଡ଼ିଥିଲା।

ହେମିଂୱେଙ୍କ ବାର୍ତ୍ତା ଆଜି ଆମ ଦେଶର ଅର୍ଥନୀତି ଶ୍ରେଣୀ ପାଠକଙ୍କୁ ବଡ଼ ଉତ୍ସାହ। ଆମେ କେତେ ଶିଖିଲେ ଆଉ କେତେ କାମରେ ଲଗେଇଛେ ସେସବୁର ସମୀକ୍ଷା କମ୍। ଯାହାହେଉ ଦେଶର ଶୀର୍ଷ ନେତୃତ୍ୱ ଆମକୁ ଆଶ୍ୱସ୍ତ କରନ୍ତି ଯେ ଆମେ ଦିନେ ବିଶ୍ୱଗୁରୁ ହେବୁ। ବାଇଶରେ ହବୁ, ତିରିଶରେ ହବୁ, ଅଣଚାଶରେ ହବୁ ପୁଣି ଏବେ କହିଲେଣି ଷାଠିଏ ବେଳକୁ ଆମକୁ କେହି ଚିହ୍ନି ପାରିବେନି। ହାସ୍ୟାସ୍ପଦ...। ଅପେକ୍ଷାର ଅନ୍ତ ଘଟେଇବା ଆମ ଭଳି ମୂଢ଼ଙ୍କ ପକ୍ଷରେ ଅସମ୍ଭବ ଯେମିତି। ବିକାଶର ଯାନରେ ବସିଲୁ ବୋଲି ଦେଶର ବଜେଟ ଅଧିବେଶନ ଦିନ ତିନି ବାଜାବାଲା, ସରକାର, କର୍ପୋରେଟ ଆଉ ମିଡିଆ କାନ ଫଟେଇ ଶୁଣେଇବେ। ହେମିଂୱେଙ୍କ ବାର୍ତ୍ତା ଏମିତି ଶସ୍ତା ଲୋକପ୍ରିୟତା ନ ଥିଲା। ଆହତର ସ୍ୱର ଭିତରୁ ଆଗକୁ ବଢ଼ିବାର ଉତ୍କଣ୍ଠା, ତୁର୍କୀର ଓଟୋମାନ ସାମ୍ରାଜ୍ୟର ପ୍ରତିଫଳନକୁ ସ୍ୱୀକାର କରିଗଲେ ଆମେ ପାପ ପୁଷ୍କରିଣୀରେ ପଡ଼ିଯିବା ନାହିଁ। ଦୁର୍ଗତିର ଆଲୋଚନା ନ ହେବା ଯାଏ 'ଅଚ୍ଛେ ଦିନ' ମହଙ୍ଗାହୋଇ ଚାଲିଥିବ। 'ଦ ୱାର୍ଲଡ ବ୍ରେକ୍ସ ଏଭ୍ରିୱାନ', ସମାଜ ଉନ୍ନତି କହ୍ନେ ପାହାଡ ଭଙ୍ଗା ଚାଲିଛି ଭଲକଥା, ହେଲେ ପଥର ତଳେ ଶୁଭୁଥିବା ସ୍ୱରକୁ ଏଥର ଶୁଣିବା ହେଉ।

ସର୍ବାଧିକ ଋଣ ବୋଝ ମୁଣ୍ଡେଇଥିବା ରାଜ୍ୟ ଭିତରେ ମହାରାଷ୍ଟ୍ର ପଛକୁ ତାମିଲନାଡୁ। ଗରିବୀ ରେଖାତଳେ ୧୫.୬୮ ପ୍ରତିଶତ ସହ ସପ୍ତମ ସ୍ଥାନରେ ଓଡ଼ିଶା ବୋଲି 'ନୀତି ଆୟୋଗ' କହିବାରେ ଆମେ ଗରିବୀକୁ ସ୍ୱୀକାର କରି କେନ୍ଦ୍ରକୁ ସ୍ୱତନ୍ତ୍ର ଦାବି ରଖିପାରିବା। ତେବେ କେତେଦିନ ଆମେ ରତ୍ନଗର୍ଭା ଓଡ଼ିଶାରୁ ଖଣିଜ ଦେବା ସହ ନିଜପାଇଁ ଋଣ ଯନ୍ତାଟି ମୁଣ୍ଡେଇ ବୁଲିବା? ଦୁଇ ହଜାର ମସିହା ବେଳକୁ ଓଡ଼ିଶା ରାଜ୍ୟ ଋଣଭାର ଅଠର ହଜାର କୋଟିରୁ ୨୦୨୪ ମସିହା ବିଜେଡି ସରକାରଙ୍କ ବିଦାୟ ବେଳକୁ ଛୟାନବେ ହଜାର ତିନିଶହ ଦଶ କୋଟିର ଶିଖର ଛୁଇଁବାରେ ବିକାଶର ସ୍ପଷ୍ଟ ଅନୁଭୂତି ଆମେ ପାଇଥିଲୁ। ଭାଜପା ସରକାର ଆସୁଆସୁ ଆଉ ୪୨୪୯.୫ କୋଟି ଟଙ୍କାର ଅଧିକ ଋଣକରି ପାହାଡ଼ଟାଏ ଛିଡ଼ା କରେଇଲେ। ଏବେ ପୁଣି ଏକ ଲକ୍ଷ ତିରିଶ ହଜାର କୋଟି ପାର ହେବାରେ ଡବଲ ଇଞ୍ଜିନ ଧାରଣାରେ ଗଡୁଛି, ଆମେ ଦିଶାହୀନ ହୋଇନାହୁଁ ବୋଲି ପାଞ୍ଚ ବର୍ଷ ପରେ ଜଣାପଡିବ। କିନ୍ତୁ ସରକାର ଯେଉଁ ହାତୀ ଘୋଡ଼ା ପ୍ରତିଶ୍ରୁତି ଦେଇଥିବେ ତାକୁ ପୂରଣ କରିବା ପାଇଁ ଅର୍ଥର ଆବଶ୍ୟକତା ବଢ଼ିବ। ୧୫ତମ ଅର୍ଥ ଆୟୋଗ ଆର୍ଥିକ ଦାୟିତ୍ୱ ଓ ଋଣ ପରିଚାଳନା ଆଇନ- ୨୦୦୫, ସରକାରଙ୍କ ଉଧାର ୨୦୨୫ ସେପଟେମ୍ବରରେ ଏକ ଲକ୍ଷ ଛବିଶ ହଜାର କୋଟି ପାରି ହେଲାଦିନ ଆମେ ବିଦେଶୀ ଫୁଲସଜା ଦାମୀ ପୋଡିୟମରୁ ଏକ ଦୀକ୍ଷାନ୍ତ ଭାଷଣ ଦେଇଥିଲୁ। ଓଡ଼ିଶାର ଋଣ ଶୁଝିବା ବାବଦରେ ଗଚ୍ଛିତ ରାଶିକୁ ସମୁଦାୟ ରାଜ୍ୟ ଘରୋଇ ଉତ୍ପାଦର ୨୫ ପ୍ରତିଶତ ମଧ୍ୟରେ ସୀମିତ ରଖିବାକୁ ଉପଦେଶ ଦେଇଥିଲେ। ପ୍ରାପ୍ତ ରାଜସ୍ୱରୁ ସୁଧ ଦେୟର ଅନୁପାତ ୧୫ ପ୍ରତିଶତ ମଧ୍ୟରେ ରଖିବା କଥା କହିଲେ। ଆମେ ଶୁଣିବୁନି ତ ଦୁର୍ଗତି ଧରାବନ୍ଧା।

ପଚାଶ ବର୍ଷ ତଳେ ଓଡ଼ିଶା ଏକ ବାତ୍ୟା, ବନ୍ୟା, ମରୁଡି ପ୍ରପୀଡ଼ିତ ଅଞ୍ଚଳ ବୋଲି ଆମେ ରଚନା ଲେଖୁଥିଲୁ। ଏବେ ସେଇଆ ଲେଖୁଛୁ। ବନ୍ୟା ଦୁର୍ଗତ କେରଳ କି ଆସାମର ଉପରମୁହାଁ ଅର୍ଥନୀତିକୁ ଦେଖିପାରୁନୁ। ପର୍ଯ୍ୟଟନ ଶିଳ୍ପରୁ ସୁଇଜରଲାଣ୍ଡ ମୁଖ୍ୟ ଆୟ ଅନ୍ନ ସାଉଁଟିବା ବେଳେ ଆମପାଖରେ ଯେମିତି ପାହାଡ଼, ଜଙ୍ଗଲ କି ବେଳାଭୂମି ନାହିଁ! ହେମିଂୱେଙ୍କ କଥାଟି ପ୍ରଯୁଜ୍ୟ ଏଠାରେ – 'ଦ ୱାର୍ଲଡ ବ୍ରେକ୍ସ ଏଭ୍ରିୱାନ, ଆଣ୍ଡ ଆଫ୍ଟରୱାର୍ଡ, ମେନି ଆର୍ ଷ୍ଟ୍ରଙ୍ଗ ଆଟ୍ ଦ ବ୍ରୋକନ ପ୍ଲେସେସ'। ହେଲେ ଅସୁବିଧା ଭିତରୁ ଛିଡ଼ାହୋଇ ଦେଖେଇଦେବା ପାଇଁ ଆମ ପାଖରେ ଇଚ୍ଛା ନାହିଁ ଯେମିତି। ସତକଥା ହେଲା ଆମପାଖରେ ମାଳମାଳ ଯୋଜନା ଅଛି, ଯୋଜନାର ରୂପରେଖ ଦେବାପାଇଁ ମାନବ ସମ୍ବଳ, ବୈଷୟିକ ସମ୍ବଳ ଅଛି, ପୁଞ୍ଜି ମଧ୍ୟ ପର୍ଯ୍ୟାପ୍ତ ଖଟା ଯାଉଛି ହେଲେ ଜାତୀୟ ଲକ୍ଷ୍ୟ ପୂରଣ ହେଉନି। ଭ୍ରଷ୍ଟାଚାର ଭଳି କୃଷ୍ଣଗର୍ତ୍ତର ଆଁ ଭିତରେ ସବୁ ଗଳିପଡୁଛି। ପୁଞ୍ଜିପତିଙ୍କ ସଂଖ୍ୟା ବଢ଼ିବାରୁ ଆମେ ଅଯଥା ଉତ୍ସାହିତ ହେଉଛୁ।

ଦେଶର ଜାତୀୟ କି ଆଞ୍ଚଳିକ ଋଣକର୍ତ୍ତାଙ୍କୁ ପଚାରିଲେ ସେହି ଗୋଟିଏ କଥା କହିବେ ଯେ ବିକାଶ ଆସିବ। ବିକାଶର ମହାକୁମ୍ଭଟି ୨୦୬୦କୁ ଦେଖେଇଲା ବେଳେ ରାଜନୈତିକ ପଞ୍ଜିକାରଙ୍କ ଚତୁରତା ସ୍ପଷ୍ଟ ଅନୁମେୟ। ଜିଡିପି ଆଉ ସମୁଦାୟ କରରୁ ଆମେ ସୁଧ ଗଣି ନୟାନ୍ତ ବେଳେ ଆମେରିକା, ଜାପାନର ଉଦାହରଣ ଥୋଇବୁ, ହେଲେ ବିକାଶକୁ ଦୂର ଦିଗ୍ ?ବଳୟ ତଳେ ଦେଖେଇବୁ। ୨୦୧୯ ଜିଡିପିର ୨୬୦ ପ୍ରତିଶତ ପବ୍ଲିକ ଋଣ ୨୦୨୫ ବେଳକୁ ୨୧୧ ପ୍ରତିଶତରେ ପହଞ୍ଚିଥିବା ଇରିଟ୍ରିଆ ପରି ଆମେ ବାଟବଣା ନୁହଁ ତ? ଆମେରିକାର ୩୫ କୋଟି ଲୋକଙ୍କ ପାଇଁ ୩୮ ଟ୍ରିଲିଅନ ଡଲାର କି ଚାଇନାର ୨୦ ଟ୍ରିଲିଅନ ଡଲାର ଅର୍ଥନୀତିକୁ ଟପିବା ଲକ୍ଷ୍ୟରେ ଆମ ଗୋଡହାତ ଭାଙ୍ଗିଲେ ଦେଶର ହିତ ହେବନି। ଦେଶକୁ ଉଠିବା ଦରକାର, ଉଡିବା ପଛକଥା। ଯୁବକଙ୍କ ଲାଗି ନିଯୁକ୍ତି, ମହିଳାଙ୍କ ସୁରକ୍ଷା ଓ ବିଳମ୍ବିତ ନ୍ୟାୟ ବ୍ୟବସ୍ଥାରେ ସୁଧାର ଆଣିପାରନ୍ତେ ସରକାର। ପୂର୍ବ ରିଜର୍ଭ ବ୍ୟାଙ୍କ ଗଭର୍ନର ତଥା ଅର୍ଥନୈତିକ ଉପଦେଷ୍ଟା ପରିଷଦ ଅଧ୍ୟକ୍ଷ ସି. ରଙ୍ଗରାଜନ 'ଇନ୍‌ଷ୍ଟିଚ୍ୟୁଶନାଲ ଫ୍ଲ' ବା 'ସଂସ୍ଥାଗତ ତ୍ରୁଟି' କହିବାରୁ ଅକଳରେ ପଡିଲେ। ସରକାର ଏବେ ଯୁଦ୍ଧଭୂମିର ଆହତ ଅଭିଜ୍ଞମାନଙ୍କ କଥା ଶୁଣନ୍ତୁ।

ମହାରାଷ୍ଟ୍ର, ତାମିଲନାଡୁ ଆଉ ଓଡ଼ିଶା ମୁଣ୍ଡଉଥିବା ଋଣକୁ ଆମେ ଗ୍ରୀସ କି ଇଟାଲୀ ସ୍ତରରେ ଦେଖିବା ନା ଇରିଟ୍ରିଆର ଦୁଃଖ ପରି ହଜମ କରିବା? ଉତ୍ପାଦନ, ଆୟ ଆଉ ଖର୍ଚ୍ଚର ସାରଣୀରୁ ଆମେ ଯୋଉ ୭ ପ୍ରତିଶତ ଜିଡିପି ଗଣନା କରୁଛୁ ସେଥିରେ ୧ ପ୍ରତିଶତ ପୁଞ୍ଜିପତିଙ୍କ ମେଶିନରୁ ବାହାରୁଥିବା ୮୦ ପ୍ରତିଶତ ବାସ୍ତବ ଆୟ ସାମିଲ ନୁହେଁ। ଖଣି ଖାଦାନରୁ ସିଧାସଳଖ ଯୋଡି ହେଉଥିବା ଆୟକୁ ୨ କିମ୍ବା ୨.୫ ପ୍ରତିଶତ ତା'ର ଠିକ୍ ନୁହେଁ। ହେଲେ ଏହା ସତ୍ୟ ଯେ ଖଣିଜ ସମ୍ପତ୍ତି ସରିଆସୁଛି। ରତ୍ନଗର୍ଭା ଭୂଗର୍ଭ ରକ୍ତହୀନ ହେଉଛି। ଏବେ ଖଣିଜଭରା ଓଡ଼ିଶା ସେମିକଣ୍ଡକ୍ଟର ଆଉ ସଫ୍ଟୱେର ପାର୍କ କରି ବେକାରି ହଟେଇବା ସ୍ୱପ୍ନ ଦେଖୁଛି। ଏମ୍‌ଓୟୁ ଦସ୍ତଖତ କରି ପୁଞ୍ଜିପତି ସହ ହାତ ମିଳେଇବାରୁ ଯେମିତି ଏ ଦେଶର ଭୋକିଲାଙ୍କ ସୁରାଟ ଗସ୍ତକୁ ରୋକିପାରିବ! ଖଣିଜ ସମୃଦ୍ଧ ଝାଡ଼ଖଣ୍ଡୀ, ବିହାରୀ ପିଲା ଅନ୍ୟ ରାଜ୍ୟରେ ବେଠି ବେଗାରି ଆୟରେ ସନ୍ତୁଷ୍ଟ। ଭାରତ ୨୦୩୦ ବେଳକୁ ଏକ ନିଅଣ୍ଟିଆ ଦୁର୍ଗତି ଭିତରକୁ ଟାଣି ହୋଇଯାଉଛି ଯାହାକୁ ସରକାର ମାନିବା ଲାଗି ଅନିଚ୍ଛୁକ। ଜିଡିପିର ୮୦ ପ୍ରତିଶତ ଋଣକୁ ପଚାଶ ପ୍ରତିଶତ କରିବୁ କହିବା ନିର୍ମଳା ସୀତାରାମନଙ୍କ ଘରୋଇ ବିଚାର। ପାକିସ୍ତାନ ତା' ଆୟର ୭୦ପ୍ରତିଶତ ଋଣ ଶୁଝିବାରେ ଯାଉଛି କହିବା ଆମ ଦେଶାତ୍ମବୋଧ। ଦେଶର ଚାକିରିଆଙ୍କ ଦରମା ପାଇଁ ଆମକୁ ଓଭର ଡ୍ରାଫ୍ଟ ସମ୍ମୁଖୀନ ହେବାରୁ କେମିତି ବଞ୍ଚିହବ ଏବେଠୁ ସରକାର ଚିନ୍ତାକରିବା ବିଧେୟ।

# ରୁଷରେ ବିଦେଶୀ ସୋସିଆଲ ପ୍ଲାଟଫର୍ମ ନିଷେଧ

ମସ୍କୋ: ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ସୋସିଆଲ୍ ମିଡିଆ ସମ୍ବନ୍ଧରେ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ରିପୋର୍ଟ ଅନୁସାରେ ପୁଟିନ୍ ଏବଂ ତାଙ୍କ ସରକାର ଏବେ ରୁଷ୍‌ରେ ହ୍ୱାଟସ୍‌ଆପ୍, ୟୁଟ୍ୟୁବ୍ ଏବଂ ଇନଷ୍ଟାଗ୍ରାମ ସମେତ ଅନେକ ବିଦେଶୀ ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡ଼ିକୁ ବ୍ୟାନ୍ କରିଛନ୍ତି। କେବଳ ସେତିକି ନୁହେଁ ଏସବୁ ବ୍ୟତୀତ, ରୁଷରେ ବିବିସି, ଡଚେ ୱେଲେ, ରେଡିଓ ଫ୍ରି ୟୁରୋପ, ରେଡିଓ ଲିବର୍ଟି ଏବଂ ଅଜ୍ଞାତ ଟୋର୍ ବ୍ରାଉଜରଗୁଡ଼ିକୁ ମଧ୍ୟ ବ୍ଲକ କରାଯାଇଛି। ସରକାର ସମସ୍ତ ଇଣ୍ଟରନେଟ୍ ପ୍ରଦାନକାରୀଙ୍କୁ ଜାତୀୟ ଡୋମେନ୍ ନାମ ସିଷ୍ଟମ୍ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି, ଯାହା ଦେଶର "ସାର୍ବଭୌମ ଇଣ୍ଟରନେଟ୍" ଆଇନ ଅନୁଯାୟୀ ଏକ ବାଧ୍ୟତାମୂଳକ ଆବଶ୍ୟକତା। ୨୦୨୧ରେ, ରୁଷ୍ ସରକାର ଗୁଗୁଲ୍ ଡିଏନଏସ୍ ସମେତ ଅନ୍ୟାନ୍ୟ ଡିଏନଏସ୍ ସିଷ୍ଟମର ବ୍ୟବହାରକୁ ନିଷିଦ୍ଧ କରିଥିଲେ। ତେବେ ସାମାଜିକ ଗଣମାଧ୍ୟମକୁ ନିଷେଧ କରିବାର ନିଷ୍ପତ୍ତି ଜନସାଧାରଣଙ୍କ ଗୋପନୀୟତାକୁ ସୁରକ୍ଷା ଦେବା ଏବଂ ଅପବ୍ୟବହାର ହୋଇପାରୁଥିବା ବ୍ୟକ୍ତିଗତ ତଥ୍ୟର ଲିକ୍‌କୁ ରୋକିବା ପାଇଁ ନିଆଯାଇଥିବା ରୁଷ୍ ସରକାର ଦର୍ଶାଇଛନ୍ତି। ଅନ୍ୟପକ୍ଷେ ରୁଷ୍ ସରକାର ନିଜ ନାଗରିକମାନଙ୍କୁ ଏକ ସୁରକ୍ଷିତ ତଥା ଘରୋଇ ସୋସିଆଲ ନେଟୱାର୍କିଂ ପ୍ଲାଟଫର୍ମ ଉପଲବ୍ଧ କରାଇବା ନେଇ ପ୍ରତିଶ୍ରୁତି ଦେଇଛନ୍ତି। ରୁଷୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ ପୁଟିନ୍ ସରକାର ଏକ ସ୍ଥାନୀୟ ସୋସିଆଲ ନେଟୱାର୍କିଂ ସାଇଟ୍‌ର ପରୀକ୍ଷଣ ସମାପ୍ତ କରିଛନ୍ତି ଏବଂ ଏହାକୁ ଖୁବ୍ ଶୀଘ୍ର ଲଞ୍ଚ କରିବେ।

# ୨.୭୫% ଛୁଇଁଲା ଖୁଚୁରା ମୁଦ୍ରାସ୍ଫୀତି

ନୂଆଦିଲ୍ଲୀ: ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ ପକ୍ଷରୁ ଜାନୁଆରୀରେ ଖୁଚୁରା ମୁଦ୍ରାସ୍ଫୀତି ସ୍ଥିତି ସମ୍ପର୍କିତ ରିପୋର୍ଟ ଜାରି କରାଯାଇଛି। ପ୍ରକାଶିତ ଏହି ତଥ୍ୟ ଅନୁଯାୟୀ, ସଂଶୋଧିତ ଏବଂ ଅପଡେଟ୍ ହୋଇଥିବା ଉପଭୋକ୍ତା ମୂଲ୍ୟ ସୂଚକାଙ୍କ (ସିପିଆଇ) ଉପରେ ଆଧାରିତ ଜାନୁଆରୀ ୨୦୨୬ ପାଇଁ ଭାରତର ଖୁଚୁରା ମୁଦ୍ରାସ୍ଫୀତି ୨.୭୫% ରହିଥିବା ଦର୍ଶାଯାଇଛି। ଏହାର ଅର୍ଥ ଗତ ୮ ମାସ ମଧ୍ୟରେ ଏହା ସର୍ବାଧିକ ସ୍ତରର ମୁଦ୍ରାସ୍ଫୀତି। ତେବେ ନୂତନ ସିପିଆଇ ଢାଞ୍ଚା ଅଧୀନରେ ଏହା ରେକର୍ଡ କରାଯାଇଥିବା ପ୍ରଥମ ସରକାରୀ ମୁଦ୍ରାସ୍ଫୀତି ହାର ଯାହାକି ୨୦୧୨କୁ ମୂଳ ବର୍ଷ ଭାବରେ ଆଧାରିତ ସିପିଆଇ ସିରିଜକୁ ସଂଶୋଧନ କରୁଛି। ପୁରୁଣା ସିପିଆଇ ସିରିଜ୍ ଅଧୀନରେ, ଡିସେମ୍ବର ୨୦୨୫ରେ ଖୁଚୁରା ମୁଦ୍ରାସ୍ଫୀତି ୧.୩୩% ରହିଥିଲା। ସେହିପରି ୨୦୨୫ ମେ ମାସରେ ମୁଦ୍ରାସ୍ଫୀତି ୨.୮୨%ରେ ପହଞ୍ଚିଥିଲା। ତେବେ ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ଦ୍ୱାରା ଜାରି ଏହି ନୂତନ ପଦ୍ଧତି ଦେଶର ବର୍ତ୍ତମାନର ବ୍ୟୟ ପ୍ରଣାଳୀକୁ ଅଧିକ ସଠିକ ଭାବେ ଦର୍ଶାଉଥିବା ଅନେକ ବିଶେଷଜ୍ଞମାନେ ମତପୋଷଣ କରିଛନ୍ତି।

# ଏଣିକି 'ଜନ ଗଣ ମନ' ପୂର୍ବରୁ 'ବନ୍ଦେ ମାତରମ୍'



ନୂଆଦିଲ୍ଲୀ: କେନ୍ଦ୍ର ସରକାର ଜାତୀୟ ଗୀତ 'ବନ୍ଦେ ମାତରମ୍' ସମ୍ପର୍କରେ ନୂତନ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ଗୃହ ମନ୍ତ୍ରଣାଳୟ ନିଜ ଆଦେଶରେ ଉଲ୍ଲେଖ କରିଛି ଯେ 'ବନ୍ଦେ ମାତରମ୍' ଏବେ ସମସ୍ତ ସରକାରୀ କାର୍ଯ୍ୟକ୍ରମ, ସ୍କୁଲ ଏବଂ ଅନ୍ୟାନ୍ୟ ଆନୁଷ୍ଠାନିକ କାର୍ଯ୍ୟକ୍ରମ ଅବସରରେ ପରିବେଷଣ କରାଯିବ। ସେହିପରି ଜାତୀୟ ସଂଗୀତ 'ଜନ ଗଣ ମନ' ପରି ଜାତୀୟ ଗୀତ 'ବନ୍ଦେ ମାତରମ୍' ଗାନ କରାଯିବା ସମୟରେ ମଧ୍ୟ ଛିଡ଼ା ରହିବାକୁ ବାଧ୍ୟତାମୂଳକ କରାଯାଇଛି। ସରକାରଙ୍କ ନୂତନ ନିୟମ ଅନୁଯାୟୀ, ବନ୍ଦେ ମାତରମ୍‌ରେ ଥିବା ସମସ୍ତ ୬ଟି ଯାକ ପଦ୍ୟାଂଶକୁ ଏକାଥରକେ ବା ସାମୂହିକ ଭାବେ ଗାନ କରାଯିବ। କୌଣସି ପରିସ୍ଥିତିରେ ମଧ୍ୟରେ ଏହାକୁ ଅଧା ଗାନ କରାଯିବ ନାହିଁ। ବନ୍ଦେ ମାତରମ୍ ଗାନ ପାଇଁ ମୋଟ ସମୟ ଅବଧି ୩ ମିନିଟ୍ ୧୦ ସେକେଣ୍ଡ (୧୯୦ ସେକେଣ୍ଡ) ଧାର୍ଯ୍ୟ କରାଯାଇଛି। ଆଜି ପର୍ଯ୍ୟନ୍ତ, ମୂଳ ଗୀତର କେବଳ ପ୍ରଥମ ଦୁଇଟି ପଦ ହିଁ ପ୍ରାୟତଃ ଗାନ କରାଯାଇଆସୁଥିଲା। ଯଦିଓ ଏହି ନିର୍ଦ୍ଦେଶ ସରକାରଙ୍କ ପକ୍ଷରୁ ଗତ ଜାନୁଆରୀ ୨୮ ତାରିଖରେ ହିଁ ଜାରି କରାଯାଇଥିଲା, କିନ୍ତୁ ଗଣମାଧ୍ୟମ ଫେବୃଆରୀ ୧୧ ତାରିଖରେ ଏହା ରିପୋର୍ଟ କରିଛି।

ସମ୍ବାଦ ସରବରାହ ସଂସ୍ଥା ପିଟିଆଇ ଅନୁଯାୟୀ, ଗୃହ ମନ୍ତ୍ରଣାଳୟ ପକ୍ଷରୁ ଜାରି ଆଦେଶନାମାରେ ସ୍ପଷ୍ଟ ଭାବରେ ଉଲ୍ଲେଖ ଅଛି ଯେ ଯଦି ଜାତୀୟ ଗୀତ 'ବନ୍ଦେ ମାତରମ୍' ଏବଂ ଜାତୀୟ ସଙ୍ଗୀତ 'ଜନ ଗଣ ମନ' ଏକାଠି ଗାନ କରିବାକୁ ହୁଏ ତେବେ ସର୍ବପ୍ରଥମେ 'ବନ୍ଦେ ମାତରମ୍' ଏବଂ ଏହା ପରେ 'ଜନ ଗଣ ମନ' ଗାନ କରାଯିବ। ଉଭୟ ଜାତୀୟ ସଂଗୀତ ଏବଂ ଜାତୀୟ ଗୀତ ଗାନ ସମୟରେ ଯେଉଁମାନେ ଗାଉଛନ୍ତି କିମ୍ବା ଶୁଣୁଛନ୍ତି ସେମାନଙ୍କୁ ସତର୍କତା ପାଳନ ପୂର୍ବକ ନିଜ ଆସନରୁ ଉଠି ଛିଡ଼ା ହେବାକୁ ପଡ଼ିବ। ସେହିପରି ସ୍କୁଲଗୁଡ଼ିକରେ ମଧ୍ୟ ପ୍ରଥମେ ବନ୍ଦେ ମାତରମ୍ ଏବଂ ଏହା ପରେ ଜାତୀୟ ସଂଗୀତ ଗାନ କରାଯିବ। ଏହା ପରେ ହିଁ ସ୍କୁଲରେ ପାଠ ପଢ଼ା ଆରମ୍ଭ ହେବ। ତେବେ ସିନେମା ହଲ୍‌ଗୁଡ଼ିକୁ ଏହି ରାଷ୍ଟ୍ରଗୀତ ସମ୍ପର୍କିତ ଜାରି ନୂତନ ନିୟମରୁ ମୁକ୍ତ କରାଯାଇଛି। ଏହାର ଅର୍ଥ ହେଉଛି 'ବନ୍ଦେ ମାତରମ୍' ବଜାଇବା ଏବଂ ଚଳଚ୍ଚିତ୍ର ଆରମ୍ଭ ହେବା ପୂର୍ବରୁ ଫିଲ୍ମ ହଲ୍‌ରେ ଥିବା ବ୍ୟକ୍ତିବିଶେଷମାନେ ଛିଡା ହେବା ବାଧ୍ୟତାମୂଳକ ହେବ ନାହିଁ। କିନ୍ତୁ ରାଷ୍ଟ୍ରୀୟ ସଂଗୀତ 'ଜନ ଗଣ ମନ' ବାଜିବା ସମୟରେ ପୂର୍ବବତ୍ ଛିଡା ହେବାକୁ ପଡ଼ିବ।

ରାଷ୍ଟ୍ରଗୀତ ଭାବେ ପରିଚିତ 'ବନ୍ଦେ ମାତରମ୍'କୁ ୧୮୭୫ ନଭେମ୍ବର ୭ ତାରିଖରେ ବଙ୍କିମ ଚନ୍ଦ୍ର ଚାଟାର୍ଜୀ ଲେଖିଥିଲେ। ଏହା ପ୍ରଥମେ ୧୮୮୨ ମସିହାରେ ତାଙ୍କ ଉପନ୍ୟାସ ଆନନ୍ଦମଠର ଅଂଶ ଭାବରେ ତାଙ୍କ ପତ୍ରିକା ବଙ୍ଗଦର୍ଶନରେ ପ୍ରକାଶିତ ହୋଇଥିଲା। ତେବେ ୧୮୯୬ ମସିହାରେ, ରବୀନ୍ଦ୍ରନାଥ ଟାଗୋର ଭାରତୀୟ ଜାତୀୟ କଂଗ୍ରେସ ଅଧିବେଶନରେ ମଞ୍ଚ ଉପରେ 'ବନ୍ଦେ ମାତରମ୍' ଗାଇଥିଲେ। ଏହା ପ୍ରଥମ ଥର ପାଇଁ ଜାତୀୟ ସ୍ତରରେ ସାର୍ବଜନୀନ ଭାବରେ ଏହି ଗୀତ ଗାନ କରାଯାଇଥିଲା। ଉପସ୍ଥିତ ହଜାର ହଜାର ଲୋକ କାନ୍ଦି ପକାଇଥିଲେ। ଭାରତୀୟ ସ୍ୱାଧୀନତା ଆନ୍ଦୋଳନ ସମୟରେ, 'ବନ୍ଦେ ମାତରମ୍' ଭାରତକୁ ଉପନିବେଶବାଦୀ ଶାସନରୁ ମୁକ୍ତ କରିବା ପାଇଁ ଲଢୁଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ଲୋଗାନରେ ପରିଣତ ହୋଇଥିଲା। ପ୍ରକାଶ, କେନ୍ଦ୍ର ସରକାର ବର୍ତ୍ତମାନ ବନ୍ଦେ ମାତରମ୍‌ର ୧୫୦ ତମ ବାର୍ଷିକୀ ପାଳନ କରୁଥିବା ବେଳେ ଏହାକୁ ନେଇ ଏକ ନୂଆ ନିୟମ ଲାଗୁ କରିଛନ୍ତି। ଚଳିତ ବର୍ଷ ଜାନୁଆରୀ ୨୬ ତାରିଖରେ, ୭୭ତମ ଗଣତନ୍ତ୍ର ଦିବସର ମୁଖ୍ୟ ପରେଡର ବିଷୟବସ୍ତୁ 'ବନ୍ଦେ ମାତରମ୍' ଥିଲା। ପରେଡ ସମୟରେ ଏକ 'ବନ୍ଦେ ମାତରମ୍' ସାରଣୀ ମଧ୍ୟ ପ୍ରଦର୍ଶିତ ହୋଇଥିଲା। ଜାତୀୟ ଗୀତ ଗାନ ସମ୍ପର୍କରେ ବିସ୍ତୃତ ପ୍ରୋଟୋକଲ୍ ଜାରି କରାଯିବା ଦେଶରେ ପ୍ରଥମ ଥର ପାଇଁ ଦେଖିବାକୁ ମିଳିଛି।

# ଚୀନ୍-ତାଇୱାନ୍ ଯୁଦ୍ଧ ଆଶଙ୍କା ବଢ଼ିଲା

ବେଜିଂ: ଚୀନ୍ ଏବଂ ତାଇୱାନ୍ ମଧ୍ୟରେ ରହିଆସିଥିବା ତିକ୍ତତା ଏବେ ଯୁଦ୍ଧର ରୂପ ଧାରଣ କରିଛି। କୌଣସି ମୁହୂର୍ତ୍ତରେ ମଧ୍ୟ ଏହି ଦୁଇ ଦେଶ ମଧ୍ୟରେ ଏକ ଭୟଙ୍କର ଯୁଦ୍ଧ ଆରମ୍ଭ ହେବାର ଆଶଙ୍କା ସୃଷ୍ଟି ହୋଇଛି। ରିପୋର୍ଟ ଅନୁସାରେ ଚୀନ୍ ଏବେ ତାଇୱାନ୍‌କୁ ଧ୍ୱଂସଲୀଳା ବା ବିନାଶର ଧମକ ଦେଇଥିବା ବେଳେ ପରୋକ୍ଷରେ ତାଇୱାନ୍ ମଧ୍ୟ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଆମେରିକୀୟ ଘାତକ କ୍ଷେପଣାସ୍ତ୍ରଗୁଡ଼ିକୁ ମୁତୟନ କରିଥିବା ସୂଚନା ମିଳିଛି। ତାଇୱାନ୍ ଏପରି କରିବା ପଛରେ ନିଜ ସୁରକ୍ଷା ବ୍ୟବସ୍ଥାକୁ ବ୍ୟାପକ କରୁଥିବା ବୋଲି ଦର୍ଶାଉଥିବା ବେଳେ ଚୀନ୍ କିନ୍ତୁ ଏହାକୁ ନେଇ ମାତ୍ରାଧିକ ଆକ୍ରମଣାତ୍ମକ ହୋଇପଡିଛି। ଚୀନ୍ କହିଛି, ତାଇୱାନ୍‌ର ଏଭଳି କାର୍ଯ୍ୟ ଚୀନ୍‌ର ସାର୍ବଭୌମତ୍ୱ ପ୍ରତି ଏକ ବଡ଼ ବିପଦ। ଚୀନ୍ ସାମରିକ ମୁଖପାତ୍ର ଜିଆଙ୍ଗ୍ ବିନ୍ ସ୍ପଷ୍ଟ ଭାବରେ କହିଛନ୍ତି, ତାଇୱାନର ସ୍ୱାଧୀନତା ପାଇଁ ଯେକୌଣସି ପ୍ରୟାସ ଅତ୍ୟନ୍ତ ବିପଜ୍ଜନକ ପରିଣାମ ଆଣିବ। ଚୀନ୍ ଉପରେ ଆକ୍ରମଣ କରିବା ପାଇଁ ଆମେରିକୀୟ ସାମରିକ ଅସ୍ତ୍ରଶସ୍ତ୍ର ବ୍ୟବହାର କରିବା ଏକ ବୋକାମି ଓ ଅତ୍ୟଧିକ ଆତ୍ମବିଶ୍ୱାସୀ ଚିନ୍ତାଧାରା। ଚୀନ୍ ଚେତାବନୀ ଦେଇଛି, ଯଦି ଯୁଦ୍ଧ ହୁଏ, ତେବେ ତାଇୱାନର ବିନାଶ ହେବ। ଅନ୍ୟପକ୍ଷେ ବେଜିଂର ଯେକୌଣସି ସମ୍ଭାବ୍ୟ ଆକ୍ରମଣର କଡ଼ା ଜବାବ ଦେବାକୁ ତାଇୱାନ୍ ନିରନ୍ତର ନିଜର ସାମରିକ ଶକ୍ତି ବୃଦ୍ଧି କରୁଥିବା ନେଇ ଗଣମାଧ୍ୟମରେ ନିୟମିତ ରିପୋର୍ଟ ପ୍ରକାଶ ପାଇବାରେ ଲାଗିଛି। ତାଇୱାନ ୧୧.୧ ବିଲିୟନ ଡଲାର ମୂଲ୍ୟର ଏକ ମେଗା ଡିଲ୍ ଅନ୍ତର୍ଗତ ଆମେରିକାଠାରୁ ୮୨ଟି ୧୪୨ ହିମାର୍ସ ଲଞ୍ଚର୍ ତଥା ୪୨୦ଟି ଆଟାକମ୍ସ ମିସାଇଲ୍ ଅର୍ଡର କରିଛି। ଏହାର ଲକ୍ଷ୍ୟଭେଦ କ୍ଷମତା ୩୦୦ କିଲୋମିଟର ଦୂରତା ପର୍ଯ୍ୟନ୍ତ ରହିଛି। ଏହି ମିସାଇଲ୍‌ଗୁଡ଼ିକ ସହଜରେ ଚୀନ୍‌ର ଉପକୂଳବର୍ତ୍ତୀ ନୌସେନା ଘାଟିଗୁଡ଼ିକୁ ଟାର୍ଗେଟ କରିପାରିବ।

# ଭାରତ-ଆମେରିକା ବାଣିଜ୍ୟ ରାଜିନାମା

ନୂଆଦିଲ୍ଲୀ: ଆମେରିକା ସହିତ ବହୁପ୍ରତୀକ୍ଷିତ ବାଣିଜ୍ୟ ରାଜିନାମା ଭାରତୀୟ ଚାଷୀ ଏବଂ କୃଷି କ୍ଷେତ୍ର ପାଇଁ ବ୍ୟାପକ ସୁଯୋଗ ଓ ସମ୍ଭାବନା ସୃଷ୍ଟି କରିବାକୁ ଯାଉଛି। ବର୍ତ୍ତମାନ ଆମେରିକା ସହିତ କୃଷି ବାଣିଜ୍ୟରେ ଭାରତ ୧.୩ ବିଲିୟନ୍ ଡଲାର୍ ବଳକା ହାର ବଜାୟ ରଖୁଛି। ୨୦୨୪ରେ ଆମେରିକାକୁ ଭାରତର କୃଷି ରପ୍ତାନି ୩.୪ ବିଲିୟନ୍ ଡଲାର୍ ଥିବାବେଳେ ଆମଦାନୀ ୨.୧ ବିଲିୟନ୍ ଡଲାର୍ ରହିଥିଲା। ଏହା କୃଷି କ୍ଷେତ୍ରରେ (ସାମୁଦ୍ରିକ ଉତ୍ପାଦକୁ ଛାଡ଼ି) ଭାରତର ସାମଗ୍ରିକ ରପ୍ତାନି ଦୃଢ଼ତାକୁ ଦର୍ଶାଇଥାଏ। ଆମେରିକାର ପ୍ରାୟ ୪୬ ବିଲିଅନ୍ ଡଲାର ଆମଦାନୀ ବଜାରରେ ଭାରତକୁ ଶୂନ୍ୟ ଶୁଳ୍କ ସୁବିଧା ମିଳିଥାଏ। ବିଭିନ୍ନ କ୍ଷେତ୍ରରେ ଭାରତ ପୂର୍ବରୁ ଆମେରିକାକୁ ୧.୪ ବିଲିଅନ୍ ଡଲାର୍ ମୂଲ୍ୟର ରପ୍ତାନି କରିଆସୁଛି। ଏଥିରେ ମସଲା, ପ୍ରକ୍ରିୟାକୃତ ଖାଦ୍ୟପଦାର୍ଥ, ଫଳ, ଚା', କଫି ଏବଂ ଅତ୍ୟାବଶ୍ୟକ ତେଲ ସାମିଲ। ବର୍ତ୍ତମାନ ୧୬୦ ବିଲିୟନ୍ ଡଲାର ମୂଲ୍ୟର ଆମେରିକୀୟ ଆମଦାନୀ ବଜାରରେ ଭାରତକୁ ୧୮ ପ୍ରତିଶତ ଆପୋସ ଶୁଳ୍କର ଲାଭ ମିଳିଛି। ଏହା ନିକଟ ଭବିଷ୍ୟତରେ ଯଥେଷ୍ଟ ପରିମାଣର ରପ୍ତାନି ସମ୍ଭାବନା ସୃଷ୍ଟି କରିବ। ବିଶେଷକରି ସାମୁଦ୍ରିକ କ୍ଷେତ୍ରରେ ପାଖାପାଖି ୨୫ ବିଲିୟନ୍ ଆମେରିକୀୟ ଡଲାର୍ ମୂଲ୍ୟର ଆମେରିକୀୟ ଆମଦାନୀ ବଜାରରେ ୧୮% ଶୁଳ୍କ ଦର ଫଳରେ ଭାରତୀୟ ଉତ୍ପାଦ ବିସ୍ତୃତ ବଜାର ସୁଯୋଗ ସୃଷ୍ଟି ହେବ।

ସୁତରାଂ ଭାରତୀୟ ଚାଷୀମାନେ ଅଧିକ ପରିମାଣରେ ରପ୍ତାନିର ଲାଭ ପାଇବେ। ମସଲା, ଚା ଓ କଫି, ରାଶି, ନିର୍ଦ୍ଦିଷ୍ଟ ଫଳ ପାଇଁ ଆପୋସ ଶୁଳ୍କ ଦରକୁ ୧୮% କିମ୍ବା ୦%କୁ ହ୍ରାସ କରି ଦିଆଯାଇଛି। ଆମେରିକାର ଏସବୁ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା, ରପ୍ତାନି ପ୍ରସ୍ତୁତି ଏବଂ ଉଚ୍ଚ ମୂଲ୍ୟ ମିଳିବା ଫଳରେ ଚାଷୀଙ୍କ ଆୟ ବୃଦ୍ଧି ଭଳି ପ୍ରତ୍ୟକ୍ଷ ଲାଭ ମିଳିବ। ଆମେରିକା ଚିଙ୍ଗୁଡ଼ି ସମେତ ଅନ୍ୟାନ୍ୟ ସାମୁଦ୍ରିକ ଉତ୍ପାଦ କ୍ଷେତ୍ରରେ ବିଶ୍ୱ ବଜାରରୁ ପ୍ରାୟ ୨୪,୮୯୮.୦୬ ନିୟୁତ ଡଲାର ମୂଲ୍ୟର ଆମଦାନୀ କରିଥାଏ। ଏଥିମଧ୍ୟରୁ ଭାରତରୁ ୨,୪୫୭.୯୨ ନିୟୁତ ଡଲାର ମୂଲ୍ୟର ଆମଦାନୀ କରିଥାଏ।

# ବିବାଦୀୟ ମାନଚିତ୍ରକୁ ହଟାଇଲା ଆମେରିକା

ୱାଶିଂଟନ୍: ଆମେରିକା ବାଣିଜ୍ୟ ପ୍ରତିନିଧିଙ୍କ କାର୍ଯ୍ୟାଳୟ(ୟୁଏସ୍‌ଟିଆର୍) ପକ୍ଷରୁ ପାକ୍ ଅଧିକୃତ କାଶ୍ମୀର (ପିଓକେ) ଓ ଅକ୍ସାଇ ଚୀନ୍‌କୁ ଭାରତର ଅଂଶ ଦର୍ଶାଉଥିବା ମାନଚିତ୍ରକୁ ହଟାଇ ଦିଆଯାଇଛି। ଏହି ମାନଚିତ୍ରଟି ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଅବସରରେ ଗତ ୭ ତାରିଖ ଦିନ ଆମେରିକା ପକ୍ଷରୁ ଜାରି କରାଯାଇଥିଲା। ଏଥିରେ ଭାରତରେ ଆମେରିକୀୟ ସାମଗ୍ରୀର ସମ୍ଭାବ୍ୟ ପ୍ରବେଶକୁ ମଧ୍ୟ ଦର୍ଶାଯାଇଥିଲା। ତେବେ ଏହାକୁ ନେଇ ପାକିସ୍ତାନ ଏବଂ ଚୀନ୍ ସହ ଆମେରିକାର ସମ୍ପର୍କ ପ୍ରଭାବିତ ହେବା ଆଶଙ୍କା ପୂର୍ବକ ୟୁଏସ୍‌ଟିଆର୍ କର୍ତ୍ତୃପକ୍ଷ ଏହି ମାନଚିତ୍ରକୁ ହଟାଇଦେଇଥିବା ଅନୁମାନ କରାଯାଉଛି। ତେବେ ଆମେରିକା ବାଣିଜ୍ୟ ପ୍ରତିନିଧିଙ୍କ କାର୍ଯ୍ୟାଳୟ ପକ୍ଷରୁ ମାନଚିତ୍ରକୁ ଡିଲିଟ୍ କରିବା ସମ୍ପର୍କରେ କୌଣସି ସ୍ପଷ୍ଟୀକରଣ ଦିଆଯାଇନାହିଁ। ପ୍ରକାଶ, କାଶ୍ମୀର ସମ୍ପର୍କରେ ଆମେରିକା ବାରମ୍ବାର ଦୋହରାଇ ଆସିଛି ଯେ, କାଶ୍ମୀର ଭାରତ ଓ ପାକିସ୍ତାନ ମଧ୍ୟରେ ଏକ ଦ୍ୱିପାକ୍ଷିକ ପ୍ରସଙ୍ଗ। ଯଦିଓ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୂର୍ବରୁ କାଶ୍ମୀର ଉପରେ ଭାରତ ଓ ପାକିସ୍ତାନ ମଧ୍ୟରେ ମଧ୍ୟସ୍ଥତା କରିବାକୁ ପ୍ରସ୍ତାବ ଦେଇସାରିଛନ୍ତି। କିନ୍ତୁ ବର୍ତ୍ତମାନର ସ୍ଥିତି ଅନୁସାରେ ଟ୍ରମ୍ପ କହିଛନ୍ତି ଯେ, ଉଭୟ ପକ୍ଷ ସ୍ପଷ୍ଟ ଭାବରେ ଅନୁରୋଧ କଲେ ହିଁ ଆମେରିକା ଏଥିରେ ହସ୍ତକ୍ଷେପ କରିବ। ଅନ୍ୟପକ୍ଷେ ଭାରତ ମଧ୍ୟସ୍ଥତା ପାଇଁ ଟ୍ରମ୍ପଙ୍କ ଆବେଦନକୁ ପ୍ରତ୍ୟାଖ୍ୟାନ କରିସାରିଛି।

# ଫ୍ରାନ୍ସଠାରୁ ଆଉ ୧୧୪ଟି ରାଫେଲ୍ ବିମାନ କିଣିବ ଭାରତ !

ନୂଆଦିଲ୍ଲୀ: ଭାରତୀୟ ବାୟୁସେନା ପାଇଁ ୧୧୪ଟି ଫ୍ରାନ୍ସ ନିର୍ମିତ ରାଫେଲ୍ ଯୁଦ୍ଧ ବିମାନ କିଣିବାକୁ ୩.୨୫ ଲକ୍ଷ କୋଟି ଟଙ୍କାର ଚୁକ୍ତିକୁ ପ୍ରତିରକ୍ଷା ମନ୍ତ୍ରାଳୟ ଚଳିତ ସପ୍ତାହରେ ମଞ୍ଜୁରୀ ଦେଇପାରେ। ଥରେ ଏହି ଚୁକ୍ତି ଅନୁମୋଦନ ହେବା ପରେ ଏହା କେବଳ ଭାରତର ସର୍ବବୃହତ୍ ଅସ୍ତ୍ରଶସ୍ତ୍ର ଚୁକ୍ତି ହେବ ତାହା ନୁହେଁ ବରଂ ଏହା ଫ୍ରାନ୍ସରୁ ଉନ୍ନତ ମାନର ଜେଟ୍ ନିର୍ମାଣ ଜ୍ଞାନକୌଶଳ ମଧ୍ୟ ଭାରତକୁ ଆସିବା ଦିଗରେ ଏକ ବଡ଼ ସୁଯୋଗ ସୃଷ୍ଟି କରିବ। କାରଣ ନିର୍ଦ୍ଦିଷ୍ଟ ସଂଖ୍ୟକ ବା ପ୍ରାୟ ୧୦୦ଟି ଜେଟ୍ ଭାରତରେ ଉତ୍ପାଦନ ହେବ। ଏଥିରେ 'ମେକ୍ ଇନ୍ ଇଣ୍ଡିଆ' କାର୍ଯ୍ୟକ୍ରମକୁ ବୃଦ୍ଧି କରିବା ପାଇଁ ଏକ ରଣନୀତିକ ଭାଗୀଦାରି ଅନ୍ତର୍ଭୁକ୍ତ ହେବ। ତେବେ ଏହି ଚୁକ୍ତି ସ୍ୱାକ୍ଷରିତ ହେବା ଦ୍ୱାରା ରାଫେଲର ସର୍ବବୃହତ୍ ଅଣ-ଫରାସୀ ଅପରେଟର ମଧ୍ୟରୁ ଭାରତ ଅନ୍ୟତମ ପାଲଟିଯିବ। ପ୍ରକାଶ, ରାଫେଲ୍‌କୁ ବର୍ତ୍ତମାନ ସମୟରେ ବିଶ୍ୱର ସବୁଠାରୁ ଘାତକ ବିମାନ ଭାବରେ ବିବେଚନା କରାଯାଉଛି। ଭାରତ ପାଖରେ ପୂର୍ବରୁ ୩୬ଟି ରାଫେଲ ଅଛି ଏବଂ ବାୟୁସେନା ଡିସେମ୍ବର ୨୦୨୪ରେ ଶେଷ 'ସି' ଭାରିଆଣ୍ଟ ପାଇଥିଲା। ଏଥିସହ ଭାରତ ୬୩,୦୦୦ କୋଟି ଟଙ୍କା ମୂଲ୍ୟର ଚୁକ୍ତିରେ ୨୬ଟି ନୌସେନା ଭାରିଆଣ୍ଟ, 'ଏମ୍' ସଂସ୍କରଣ ଅର୍ଡର କରିଛି।



# ଆତ୍ମାର କାନ୍ଭାସ୍: ସଙ୍ଗୀତା ଏକ ଅସମାପ୍ତ ଅନୁରାଗ

**ମମତା ମଞ୍ଜରୀ ସାହୁ**

ସଙ୍ଗୀତା କହିଲେ ମନରେ ଯେତିକି ପବିତ୍ରତାର କଳ୍ପନା କରାଯାଇପାରେ, ତା'ଠାରୁ ଢେର ବେଶୀର ଏକ ମୂର୍ତ୍ତିକଳ୍ପ ଥିଲା ସେ। ସେଦିନ ଅଫିସର ସେଇ ଶୁଷ୍କ ପରିବେଶରେ ସେ ଯେତେବେଳେ ମୋ ପାଖକୁ ଆସି ପଚାରିଥିଲା, 'କ'ଣ ଦେଖୁଛନ୍ତି ?', ସେତେବେଳେ ମୋ ଭିତରେ ଥିବା ସବୁ ଶବ୍ଦ ଯେମିତି ହଜିଯାଇଥିଲା। ମୁଁ ସ୍ତବ୍ଧ ହୋଇ ଚାହିଁ ରହିଥିଲି ତା'ର ସେଇ ନୀଳନୀଳ ଆଖିକୁ। ସେ ଆଖିରେ ରାଗ ନଥିଲା, କିନ୍ତୁ ଏକ ଗଭୀର ପ୍ରଶ୍ନବାଚୀ ଥିଲା। ସତେ ଯେମିତି ସେ ମୋ ଆତ୍ମାର ସବୁଠାରୁ ଗଭୀର କୋଣକୁ ପଢ଼ି ନେବାକୁ ଚାହୁଁଥିଲା। ମୋର ସେଇ ପାଟି ଖନି ମାରିବା ଅବସ୍ଥା ଦେଖି ସେ ଧୀରେ ହସିଦେଲା। ସେ ହସଟି ଥିଲା ଏକ ଶରତ ସକାଳର ଶିଉଳି ଭିଜା ଦୁବ ଘାସ ଉପରେ ପଡ଼ିଥିବା ସୂର୍ଯ୍ୟର ପ୍ରଥମ କିରଣ ପରି। ସେ ଧୀରେ ଧୀରେ ମୋ ଟେବୁଲ୍ ପାଖରେ ବସିଲା। ଅଫିସ୍‌ର ଅନ୍ୟ କର୍ମଚାରୀମାନେ ନିଜ ନିଜ କାମରେ ବ୍ୟସ୍ତ ଥିଲେ ସତ, କିନ୍ତୁ ସମସ୍ତଙ୍କର କାନ ଆମ ଆଡ଼କୁ ଥିଲା। ମୁଁ ବୁଝିପାରୁଥିଲି, ସଙ୍ଗୀତା ଜଣେ ମାଧ୍ୟାକର୍ଷଣ ଶକ୍ତି ପରି, ଯିଏ ଅଜାଣତରେ ସମସ୍ତଙ୍କୁ ନିଜ ଆଡ଼କୁ ଟାଣି ନେଇଥାଏ।

ମୁଁ ଅନେକ ସମୟ ଧରି ନିରବ ରହିବା ପରେ ବଡ଼ କଷ୍ଟରେ କହିଲି, 'ସଙ୍ଗୀତା, ତୁମକୁ ଏମିତି ଚାହିଁବା ପଛରେ ମୋର କୌଣସି ଖରାପ ଉଦ୍ଦେଶ୍ୟ ନଥିଲା। ମୁଁ ବାସ୍ ଭାବୁଥିଲି, ଜଣେ ମଣିଷ ଏତେ ସରଳ ଏବଂ ଏତେ ସୁନ୍ଦର କେମିତି ହୋଇପାରେ ? ତୁମେ ଆମ ଅଫିସକୁ ଆସିଲା ପରେ ଏଠାକାର ପରିବେଶ ବଦଳି ଯାଇଛି।' ସଙ୍ଗୀତା କିଛି ସମୟ ନିରବ ରହିଲା। ତା'ର ଗୋରା ତକତକ ହାତର ଆଙ୍ଗୁଠିଗୁଡ଼ିକ ମୋ ଟେବୁଲ୍ ଉପରେ ଥିବା ଏକ ଖାଲି କାଗଜ ଉପରେ ଧୀରେ ଧୀରେ ବୁଲୁଥିଲା। ସେ କହିଲା, 'ସୌନ୍ଦର୍ଯ୍ୟ ତ ଏକ ଆଭରଣ ମାତ୍ର। କିନ୍ତୁ ଏହି ଆଭରଣ ପଛରେ ଥିବା ମଣିଷଟାକୁ କେହି ଦେଖନ୍ତି ନାହିଁ। ଆପଣ ହୁଏତ ମୋତେ ଜଣେ ଦେବୀ ପରି ଭାବୁଛନ୍ତି, କିନ୍ତୁ ମୁଁ ଜଣେ ସାଧାରଣ ଝିଅ, ଯାହାର ଅନେକ ଦୁଃଖ ଅଛି, ଅନେକ ଅପୂର୍ଣ୍ଣ ସ୍ୱପ୍ନ ଅଛି। ଆପଣ ଜାଣନ୍ତି, ଅଫିସରେ ଲୋକମାନେ ମୋ ବିଷୟରେ କ'ଣ ଆଲୋଚନା କରନ୍ତି ?' ତା'ର ଏହି ପ୍ରଶ୍ନ ମୋତେ ବଡ଼ ଅପ୍ରସ୍ତୁତ କରିଦେଲା। ମୁଁ ଜାଣିଥିଲି ଶର୍ମା ବାବୁ କିମ୍ବା ମିଶ୍ର ବାବୁ କ୍ୟାଣ୍ଟିନ୍‌ରେ ବସି କେମିତି ସଙ୍ଗୀତାକୁ ନେଇ କୁତ୍ସିତ ମନ୍ତବ୍ୟ ଦିଅନ୍ତି। ସେମାନେ ତା'ର ଶାଢ଼ିର ରଙ୍ଗଠାରୁ ଆରମ୍ଭ କରି ତା'ର ଚାଲିଚଳନ ଯାଏଁ ସବୁକିଛିକୁ ନିଜର ମନଗଢ଼ା ଗପରେ ସଜାନ୍ତି। ସେମାନଙ୍କ ପାଇଁ ସଙ୍ଗୀତା ଏକ ମନୋରଞ୍ଜନର ବିଷୟବସ୍ତୁ ଥିଲା, କିନ୍ତୁ ମୋ ପାଇଁ ସେ ଥିଲା ଏକ ନିର୍ମଳ ଧାରା।

ମୁଁ କହିଲି, 'ମୁଁ ସେସବୁ ଆଲୋଚନା ବିଷୟରେ ଜାଣେ, କିନ୍ତୁ ମୁଁ ସେଥିରେ କେବେ ଭାଗ ନିଏନି। ମୋତେ ସେସବୁ ଶୁଣିଲେ ଭାରି କଷ୍ଟ ହୁଏ। ଇଚ୍ଛା ହୁଏ ସେମାନଙ୍କ ମୁହଁ ବନ୍ଦ କରିଦେବାକୁ।' ସଙ୍ଗୀତା ଟିକେ ବିଷାଦଭରା ହସ ହସିଲା। 'ଆପଣ କାହା କାହା ମୁହଁ ବନ୍ଦ କରିବେ ? ଏଇଟା ତ ସମାଜ। ଏଠି ନାରୀର ସୌନ୍ଦର୍ଯ୍ୟ ତା' ପାଇଁ ଏକ ଅଭିଶାପ ପାଲଟିଯାଏ। ଲୋକେ ତା'ର ଚରିତ୍ରକୁ ନେଇ କଥା ହୁଅନ୍ତି, କିନ୍ତୁ କେହି ତା'ର ସଂଘର୍ଷକୁ ଦେଖନ୍ତି ନାହିଁ। ଆପଣ ଜାଣନ୍ତି, ମୁଁ କାହିଁକି ଏହି ଚାକିରି କରୁଛି ? ମୋ ବାପା ଜଣେ କ୍ୟାନ୍‌ସର୍ ରୋଗୀ। ତାଙ୍କର ଚିକିତ୍ସା ପାଇଁ ମୋତେ ଦିନରାତି ଏକ କରିବାକୁ ପଡୁଛି। ଅଫିସର ଏହି ରଙ୍ଗୀନ ଆଲୋକ ପଛରେ ମୋର ଏକ ଅନ୍ଧାରୀ ଦୁନିଆ ଅଛି।' ସଙ୍ଗୀତାଙ୍କ ମୁହଁରୁ ଏହି କଥା ଶୁଣିଲା ପରେ ମୋତେ ଲାଗିଲା ଯେମିତି ମୁଁ ତାଙ୍କୁ କେବଳ ଏକ ମୂର୍ତ୍ତି ପରି ଦେଖୁଥିଲି, କିନ୍ତୁ ସେ ଥିଲେ ଏକ ବିରାଟ ଯନ୍ତ୍ରଣାର ପର୍ବତ।

ଧୀରେ ଧୀରେ ଅଫିସ୍ ସମୟ ସରି ଆସୁଥିଲା। ବାହାରେ ଝିପିଝିପି ବର୍ଷା ଆରମ୍ଭ ହୋଇଯାଇଥିଲା। ସଙ୍ଗୀତା ତା'ର ବ୍ୟାଗ୍ ସଜାଡ଼ିଲା। ମୁଁ ଦେଖୁଥିଲି ତା'ର ପ୍ରତିଟି ଗତିବିଧିକୁ। ସେ ଯିବା ପୂର୍ବରୁ ମୋତେ ଚାହିଁ କହିଲା, 'ଆଜି ଆପଣଙ୍କ ସହ କଥା ହୋଇ ମୋ ମନଟା ଟିକେ ହାଲୁକା ଲାଗିଲା। ଆପଣଙ୍କ ଆଖିରେ ମୁଁ କାମନା ନୁହେଁ, ବରଂ ଏକ ସମ୍ମାନ ଦେଖିଲି। ସେଥିପାଇଁ ଧନ୍ୟବାଦ।' ମୁଁ କିଛି କହିପାରିଲିନି, କେବଳ ମୁଣ୍ଡ ହଲାଇଲି। ସେ ଚାଲିଗଲା। କିନ୍ତୁ ତା'ର ସେଇ ଶୁଭ୍ର ଚେହେରା ଏବଂ ତା'ର ଦୁଃଖଭରା କଥାଗୁଡ଼ିକ ମୋ ମନରେ ଏକ ଆଲୋଡ଼ନ ସୃଷ୍ଟି କଲା। ସେଦିନ ରାତିରେ ମୁଁ ଶୋଇପାରିଲିନି। ମୋ ଆଖି ଆଗରେ ସଙ୍ଗୀତାଙ୍କର ସେଇ ହସହସ ମୁହଁ ଏବଂ ଲୁହଭରା ଆଖି ଦୁଇଟି ବାରମ୍ବାର ନାଚି ଉଠୁଥିଲା। ମୁଁ ଭାବୁଥିଲି, ଏହି ପୁରୁଷ ସମାଜ କେତେ ନିର୍ଦ୍ଦୟ ! ସେମାନେ ଜଣେ ଅସହାୟ ଝିଅର ସୌନ୍ଦର୍ଯ୍ୟକୁ ନେଇ ତାଚ୍ଛଲ୍ୟ କରନ୍ତି, କିନ୍ତୁ ସାହାଯ୍ୟର ହାତ ବଢ଼ାନ୍ତି ନାହିଁ।

ତା' ପରଦିନଠାରୁ ସଙ୍ଗୀତା ପ୍ରତି ମୋର ଦୃଷ୍ଟିକୋଣ ସମ୍ପୂର୍ଣ୍ଣ ବଦଳିଗଲା। ମୁଁ ଆଉ ତାକୁ କେବଳ ଏକ ସୁନ୍ଦରୀ ସହକର୍ମୀ ଭାବେ ଦେଖୁନଥିଲି, ମୁଁ ତାକୁ ଜଣେ ଯୋଦ୍ଧା ଭାବେ ଦେଖୁଥିଲି। ମୁଁ ଚେଷ୍ଟା କଲି ତାକୁ ତା' କାମରେ ସାହାଯ୍ୟ କରିବାକୁ। ସେ ମଧ୍ୟ ମୋର ଏହି ପରିବର୍ତ୍ତନକୁ ଅନୁଭବ କରିପାରିଲା। ଆମ ଭିତରେ ଏକ ଅଜଣା ବନ୍ଧୁତା ଗଢ଼ି ଉଠିଲା। ଆମେ କେବଳ ଅଫିସିଆଲ୍ ଫାଇଲ୍ ନୁହେଁ, ବରଂ ଜୀବନର ଅନେକ ଛୋଟବଡ଼ କଥା ଶେୟାର୍ କରିବାକୁ ଲାଗିଲୁ। ଅଫିସର ଲୋକମାନେ ଏବେ ଆମକୁ ନେଇ ଗପ ଆରମ୍ଭ କରିଦେଲେ। 'ଦେଖୁଛ ତ, ଆଜିକାଲି ଦୁଇଜଣଙ୍କ ଭିତରେ ଖୁବ୍ ଜମୁଛି !' ଶର୍ମା ବାବୁଙ୍କ ଏହି କମେଣ୍ଟ ମୋତେ ଆଉ ରାଗ ଆଣୁନଥିଲା, ବରଂ ତାଚ୍ଛଲ୍ୟ ଭରା ଲାଗୁଥିଲା। ମୁଁ ଜାଣିଥିଲି ମୋର ସଙ୍ଗୀତା ପ୍ରତି ଥିବା ଭାବନା କେତେ ପବିତ୍ର।

ଦିନେ ସଙ୍ଗୀତା ଅଫିସ୍ ଆସିନଥିଲା। ମୋତେ ଲାଗିଲା ଯେମିତି ସାରା ଅଫିସ୍ ଅନ୍ଧାର ହୋଇଯାଇଛି। ମୋର କୌଣସି କାମରେ ମନ ଲାଗୁନଥିଲା। ମୁଁ ବାରମ୍ବାର ଫୋନ୍ ଉଠାଉଥିଲି ତାକୁ ମେସେଜ୍ କରିବାକୁ, କିନ୍ତୁ ପୁଣି ରହିଯାଉଥିଲି। ହଠାତ୍ ମୋ ଫୋନ୍ ବାଜିଉଠିଲା। ସଙ୍ଗୀତାଙ୍କ ନାଁ ଦେଖି ମୋ ହୃଦୟର ସ୍ପନ୍ଦନ ବଢ଼ିଗଲା। 'ହ୍ୟାଲୋ, ସଙ୍ଗୀତା ? କ'ଣ ହୋଇଛି ? ତୁମେ ଆଜି ଆସିଲ ନାହିଁ ?' ସେପଟୁ କାନ୍ଦକାନ୍ଦ ସ୍ୱରରେ ସଙ୍ଗୀତା କହିଲା, 'ବାପାଙ୍କ ଦେହ ବହୁତ ଖରାପ। ମୁଁ ଏବେ ହସ୍ପିଟାଲରେ ଅଛି।' ମୁଁ ଆଉ କିଛି ନଭାବି ଅଫିସ୍ ?ରୁ ଛୁଟି ନେଇ ହସ୍ପିଟାଲ ଅଭିମୁଖେ ଧାଇଁଲି। ସେଠାରେ ପହଞ୍ଚିଲା ବେଳକୁ ସଙ୍ଗୀତା ଏକାକୀ ଏକ ଚୌକିରେ ବସି କାନ୍ଦୁଥିଲା। ତା'ର ସେଇ ଶୁଭ୍ର ଚେହେରାଟି ଶୁଖି ଯାଇଥିଲା। ମୁଁ ତା' ପାଖକୁ ଯାଇ ତା' କାନ୍ଧରେ ହାତ ରଖିଲି। ସେ ମୋତେ ଦେଖି ଅଟକି ପାରିଲା ନାହିଁ, ମୋତେ କୁଣ୍ଢାଇ ଧରି ପ୍ରବଳ କାନ୍ଦିବାକୁ ଲାଗିଲା। ସେଇ ମୁହୂର୍ତ୍ତରେ ମୋତେ ଲାଗିଲା ଯେମିତି ମୁଁ ଦୁନିଆର ସବୁଠାରୁ ଶକ୍ତିଶାଳୀ ମଣିଷ, କାରଣ ମୁଁ ତା'ର ଦୁଃଖର ସହଭାଗୀ ହୋଇପାରିଛି।

ଅନେକ ଦିନ ହସ୍ପିଟାଲରେ କଟିଲା। ମୁଁ ଦିନରେ ଅଫିସ୍ କରୁଥିଲି ଏବଂ ରାତିରେ ହସ୍ପିଟାଲରେ ସଙ୍ଗୀତାଙ୍କ ସହ ରହୁଥିଲି। ଅଫିସରେ ମୋତେ ନେଇ ଅନେକ ଆଲୋଚନା ହେଲା, କିନ୍ତୁ ମୁଁ ସେଥିପ୍ରତି ଭ୍ରୂକ୍ଷେପ କଲିନାହିଁ। ଶେଷରେ ସଙ୍ଗୀତାଙ୍କ ବାପା ସୁସ୍ଥ ହୋଇ ଘରକୁ ଫେରିଲେ। ସେଦିନ ସଙ୍ଗୀତା ମୋତେ କହିଲା, 'ଆପଣ ମୋ ଜୀବନରେ ଏକ ଦେବଦୂତ ପରି ଆସିଲେ। ମୁଁ ଜାଣେନି ଆପଣଙ୍କ ଋଣ ମୁଁ କେମିତି ସୁଝିବି।' ମୁଁ କହିଲି, 'ସଙ୍ଗୀତା, ପ୍ରେମ ଏବଂ ସମ୍ମାନରେ କେହି କାହାର ଋଣୀ ହୁଅନ୍ତି ନାହିଁ। ମୁଁ ଯାହା କଲି, ତାହା ମୋ ହୃଦୟର ଆଦେଶ ଥିଲା।'

ସମୟ ବଦଳିଗଲା। ସଙ୍ଗୀତା ଆଉ ସେଇ ପୁରୁଣା ଭୟଭୀତ ଝିଅ ହୋଇ ରହିନଥିଲା। ସେ ଏବେ ଅଫିସରେ ଗର୍ବର ସହ କାମ କରୁଥିଲା। ଶର୍ମା ବାବୁ ଏବଂ ଅନ୍ୟମାନେ ମଧ୍ୟ ଧୀରେ ଧୀରେ ନିରବ ହୋଇଗଲେ, କାରଣ ସେମାନେ ଦେଖିଲେ ଯେ ସଙ୍ଗୀତା ପଛରେ ଏମିତି ଜଣେ ମଣିଷ ଠିଆ ହୋଇଛି ଯିଏ ତା'ର ସମ୍ମାନ ପାଇଁ କିଛି ବି କରିପାରେ। ଆମ ସମ୍ପର୍କର କୌଣସି ନିର୍ଦ୍ଦିଷ୍ଟ ନାମ ନଥିଲା—ନା ଏହା ପ୍ରେମିକ-ପ୍ରେମିକା ଥିଲା, ନା କେବଳ ବନ୍ଧୁତା। ଏହା ଥିଲା ଦୁଇଟି ଆତ୍ମାର ଏକ ନିବିଡ଼ ସମ୍ପର୍କ, ଯାହା ଶରୀର ଏବଂ ରୂପର ଊର୍ଦ୍ଧ୍ୱରେ ଥିଲା।

ସଙ୍ଗୀତା ଆଜି ବି ମୋ ସାମ୍ନା ଟେବୁଲରେ ବସେ। ତା'ର ସେଇ ହସ ଏବେ ବି ସେମିତି ମିଠା। କିନ୍ତୁ ସେ ହସରେ ଏବେ ଏକ ଆତ୍ମବିଶ୍ୱାସର ଝଲକ ଥାଏ। ସେ ଯେତେବେଳେ ମୋ ଆଡ଼କୁ ଚାହିଁ ଧୀରେ ପଚାରେ, 'କେମିତି ଅଛନ୍ତି ?', ସେତେବେଳେ ମୋତେ ଲାଗେ ଜୀବନର ସବୁ ପ୍ରଶ୍ନର ଉତ୍ତର ମୁଁ ପାଇଯାଇଛି। ସଙ୍ଗୀତା କେବଳ ଏକ ସୁନ୍ଦର ଝିଅର ନାଁ ନୁହେଁ, ସେ ହେଉଛି ମୋ ଜୀବନର ସେଇ ଶେଷ ରଙ୍ଗ, ଯାହା ମୋର ଖାଲି କାନ୍ଭାସ୍‌କୁ ସମ୍ପୂର୍ଣ୍ଣ କରିଦେଇଛି। ତା'ର ସେଇ ଦୁଧଅଳତା ରଙ୍ଗର ଦେହ ଆଜି ମୋତେ କାମନା ନୁହେଁ, ବରଂ ଶାନ୍ତି ପ୍ରଦାନ କରେ। ମୁଁ ଜାଣିଛି, ସମୟ ଆସିବ ଯେତେବେଳେ ଆମେ ହୁଏତ ଅଲଗା ହୋଇଯିବା, କିନ୍ତୁ ତା'ର ସେଇ ପବିତ୍ର ପ୍ରତିଛବି ମୋ ହୃଦୟର ଗଭୀରତମ ପ୍ରଦେଶରେ ଚିରକାଳ ପାଇଁ ଅମ୍ଳାନ ହୋଇ ରହିବ। ପ୍ରେମର ଅର୍ଥ କେବଳ ପାଇଯିବା ନୁହେଁ, ବରଂ କାହାର ସ୍ୱାଭିମାନର ସାହାରା ହେବା-ଏହା ହିଁ ମୁଁ ସଙ୍ଗୀତାଙ୍କଠାରୁ ଶିଖିଛି।

ଆଜି ଅଫିସ୍‌ର କାମ ସରିଲା ପରେ ଆମେ ଏକାଠି ବାହାରକୁ ଆସିଲୁ। ସହରର ରାସ୍ତାରେ ଆଲୋକର ମାଳା ଝଲସୁଥିଲା। ସଙ୍ଗୀତା କହିଲା, 'ଜାଣନ୍ତି, ଆଜି ମୋତେ ଲାଗୁଛି ମୁଁ ସ୍ୱାଧୀନ।' ମୁଁ କହିଲି, 'ତୁମେ ସବୁବେଳେ ସ୍ୱାଧୀନ ଥିଲ ସଙ୍ଗୀତା, କେବଳ ତୁମେ ନିଜକୁ ଅନ୍ୟର ଦୃଷ୍ଟିରେ ଦେଖୁଥିଲ। ଆଜି ତୁମେ ନିଜକୁ ନିଜ ଆଖିରେ ଦେଖିବା ଶିଖିଛ।' ସେ ମୋ ହାତକୁ ଧୀରେ ଛୁଇଁଲା। ସେଇ ସ୍ପର୍ଶରେ ଏକ ଏମିତି ଶିହରଣ ଥିଲା ଯାହାକୁ ମୁଁ ଶବ୍ଦରେ ବର୍ଣ୍ଣନା କରିପାରିବିନି। ଏହା ଥିଲା ବିଶ୍ୱାସର ସ୍ପର୍ଶ, ଏହା ଥିଲା କୃତଜ୍ଞତାର ସ୍ପର୍ଶ। ଆମେ ଦୁହେଁ ନିରବରେ ଆଗକୁ ଚାଲିଥିଲୁ। ସହରର କୋଳାହଳ ଆମକୁ ଆଉ ବିଚଳିତ କରୁନଥିଲା। କାରଣ ଆମ ଭିତରେ ଏକ ଏମିତି ଶବ୍ଦହୀନ ସଙ୍ଗୀତ ବାଜୁଥିଲା, ଯାହାର ସ୍ୱର କେବଳ ଆମେ ହିଁ ବୁଝିପାରୁଥିଲୁ। ସଙ୍ଗୀତା, ଯାହାର ନାମର ଅର୍ଥ ସଙ୍ଗୀତ, ସେ ପ୍ରକୃତରେ ମୋ ଜୀବନର ଶ୍ରେଷ୍ଠ ସଙ୍ଗୀତ ପାଲଟି ଯାଇଥିଲା। ଏହି ଗଳ୍ପର ଶେଷ ହୁଏତ ନାହିଁ, କାରଣ ଯେଉଁଠି ଆତ୍ମାର ମିଳନ ହୁଏ, ସେଠାରେ ସମୟ ସ୍ଥିର ହୋଇଯାଏ।

*ନିରାକାରପୁର, ପୁରୀ*

## ନାଚି ହେଲାଣି ବଉଳ

ନାଚି ହେଲାଣି ବଉଳ
କୋଇଲି ଆସିନି
ଶୀତ ପରା ଯାଇ ନାହିଁ
ମଳୟ ବୋହିନି ।
କୋଇଲି କେଉଁଠି ଲୁଚେ
ଜାଣନ୍ତିନି କେହି
ମଳୟ ବୋହିଲେ ଆସେ
କଣ୍ଠ ଖୋଲିଦେଇ ।
ବଉଳର ବାସ୍ନା ବାରି
ଆସେ ଏ ଧରାକୁ
ସୁଲଳିତ ଗୀତ ଗାଇ
କିଣେ ସମସ୍ତଙ୍କୁ ।
ଦିନ ରାତି ବୁଲି ବୁଲି
ଭାବ ବାଣ୍ଟି ଥାଏ
ପ୍ରେମ ପ୍ରୀତି ସଦା ସତ୍ୟ
କାନେ କାନେ କହେ ।
ଫଗୁଣର ଆକର୍ଷଣ
ମଳୟ ପରଶ
ଋତୁ ଭିତରେ ସାର
ବସନ୍ତରେ ରାସ ।
ନାହିଁ ଖରା ନାହିଁ ବର୍ଷା
ନାହିଁ ଶୀତ ଥରା
ଏମିତି ସମୟ ଇଏ
ହସେ ବସୁନ୍ଧରା ।
ଗାଁରୁ ସହର ଯାଏ
ସବୁଠି ଉତ୍ସବ
ଚେତନାର ବିକିରଣ
ପୁଲକିତ ଭାବ ।
ରାଧାକୃଷ୍ଣ ଯୋଡ଼ିପରା
ସଂସ୍କୃତିର ଧାରା
ମଧୁମୟ ପ୍ରେମ ପାଇଁ
ଜ୍ଞାନର ପସରା ।
ପ୍ରେମ ନ ଥିଲେ ଜଗତ
ମୂଲ୍ୟହୀନ ଭାରି
ଭାବର ଅଭାବ ହୁଏ
ମିଳେନି ମାଧୁରୀ ।

**ସୁଧୀର କୁମାର ଦାସ**
ତରାବୋଇ, ଜଟଣୀ, ଖୋର୍ଦ୍ଧା

## ପ୍ରେମ ସପ୍ତାହ

ଶୀତ ମାସ ଯାଇ ଆସିଲା ବସନ୍ତ
କୋଇଲି ଗାଇଲା ଗୀତ,
ଆମ୍ବଗଛଟିରେ ବଉଳ ଆସିଲା
ନର-ନାରୀ ହେଲେ ମିତ ।।
ହଳଦୀବସନ୍ତ ଗୋଲକ ଗଛରେ
ବସି କହୁଛି ସଙ୍ଗାତ,
ପ୍ରେମର ଋତୁଟା ଆସି ପହଞ୍ଚିଲା
ଚାଲ ବୁଲିଯିବା ଯାତ ।।
ଗୋଲାପ ଗଛଟି ଥୁଣ୍ଟା ଦିଶୁଅଛି
ସକାଳେ ଥିଲା ପୁରିତ,
ପ୍ରେମର ସପ୍ତାହ ଆରମ୍ଭିଲା ଆଜି
ଗୋଲାପ ଫୁଲେ ପାଳିତ ।।
କି ସୁନ୍ଦର ଥିଲା ଗୋଲାପ ବଗିଚା
ଗୋଲାପି ରଙ୍ଗେ ସଜ୍ଜିତ,
ଗୋଲାପ ଦିନରେ ଫୁଲ ତୋଳିଆଣି
କରୁଛ ଗଛକୁ କ୍ଷତ ।।
ଚକଲେଟ ଟେଡି ଦେଇ ପ୍ରେମ କର
ଇଏ କି ପ୍ରେମର ମତ,
ଥୁଣ୍ଟା କରି ଗଛ ଟଙ୍କା କରି ଶେଷ
ଏ ପ୍ରେମକି ତୁମ ସତ ।।

**ଦିଗମ୍ବର ବେହେରା**
କୁମୁଟିଗୁଡ଼ା, ମାଲକାନଗିରି

# ରୁଦ୍ରାକ୍ଷ

**କୁହାଯାଏ, ଜନ କଲ୍ୟାଣ ପାଇଁ ଭଗବାନ ଶଙ୍କର ନିଜ ଅଶ୍ରୁରୁ ରୁଦ୍ରାକ୍ଷକୁ ଉତ୍ପନ୍ନ କରିଥିଲେ। ତେଣୁ ବିଶ୍ୱାସ ରହିଛି ଯେ ଯେଉଁ ବ୍ୟକ୍ତି ଶରୀରରେ ରୁଦ୍ରାକ୍ଷ ଧାରଣ କରିଥାନ୍ତି ତାଙ୍କୁ ଦେବ ଦେବ ମହାଦେବଙ୍କର କରୁଣା ପ୍ରାପ୍ତି ହେବା ସହ ଐଶ୍ୱର୍ଯ୍ୟ ଲାଭ ହୋଇଥାଏ। କିନ୍ତୁ ଏଥିପାଇଁ ନିଷ୍ଠାର ସହ କିଛିଟା ନିୟମ ମାନିବାକୁ ପଡ଼ିଥାଏ...**





ପ୍ରାଚୀନକାଳରୁ ହିଁ ରୁଦ୍ରାକ୍ଷ ଧାରଣ କରିବାକୁ ଏକ ମହତ୍ତ୍ୱପୂର୍ଣ୍ଣ ତଥା ବିଶେଷ କାର୍ଯ୍ୟ ବୋଲି କୁହାଯାଇଥାଏ। ଏହାର ମହାନ୍ ଉପଚାର ତଥା ବୈଜ୍ଞାନିକ ଗୁଣ ସକାଶେ ଏହା ନା କେବଳ ଅନେକ ରୋଗ ଦାଉରୁ ଆମକୁ ରକ୍ଷା କରିଥାଏ; ଅଧିକନ୍ତୁ ଆମ ଶରୀର ଉପରେ ବହୁ ଉତ୍ତମ ପ୍ରଭାବ ମଧ୍ୟ ପକାଇଥାଏ। ଫ୍ଲୋରିଡ଼ା ଇଣ୍ଟରନ୍ୟାସନାଲ୍ ୟୁନିଭର୍ସିଟିର ବୈଜ୍ଞାନିକମାନଙ୍କ ମତାନୁସାରେ, ରୁଦ୍ରାକ୍ଷ ଧାରଣ କରିବା ମସ୍ତିଷ୍କ ପାଇଁ ଖୁବ୍ ଉପକାରୀ ହୋଇଥାଏ। ତେବେ ରୁଦ୍ରାକ୍ଷର ଆଉ କ'ଣ ସବୁ ଉପକାରୀ ଗୁଣ ରହିଛି ଆସନ୍ତୁ ଜାଣିବା ସେ ସମ୍ପର୍କରେ...

* ଚିନ୍ତାଶୀଳ ଜୀବନଶୈଳୀ ପାଇଁ ଅନେକ ସମୟରେ ଲୋକେ ରୋଗାଗ୍ରସ୍ତ ହୋଇପଡ଼ିଥାନ୍ତି। ଏଭଳି କ୍ଷେତ୍ରରେ ଶରୀରରେ ରୁଦ୍ରାକ୍ଷ ଧାରଣ କଲେ; ଏହା ଆମ ମସ୍ତିଷ୍କକୁ ସ୍ଥିର ରଖିବାରେ ବିଶେଷ ସାହାଯ୍ୟ କରିଥାଏ ଏବଂ ଆମ ହୃଦୟ ଓ ଇନ୍ଦ୍ରିୟ ଉପରେ ଏହା ଅନେକ ସୁପ୍ରଭାବ ପକାଇ ଉକ୍ତ ସମସ୍ୟାରୁ ଆମକୁ ଶୀଘ୍ର ମୁକ୍ତି ଦେଇଥାଏ। କୁହାଯାଏ, ଶରୀରରେ ରୁଦ୍ରାକ୍ଷର ମାଳା ପିନ୍ଧିବା ଦ୍ୱାରା ସ୍ୱାସ୍ଥ୍ୟ ଭଲ ରହିବା ସହିତ ଶରୀରରେ ରକ୍ତ ସଞ୍ଚାଳନ ଠିକ୍ ହୋଇଥାଏ; ଯଦ୍ୱାରା ହୃଦ୍‌ଘାତ ଓ ଉଚ୍ଚ ରକ୍ତଚାପ ସମସ୍ୟାରୁ ସହଜରେ ରକ୍ଷା ପାଇହୁଏ ବୋଲି ବିଶ୍ୱାସ ରହିଛି।

* ସେହିପରି ଆଉ କେହି କେହି କୁହନ୍ତି, ଶରୀରରେ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି କରାଇବାରେ ବି ରୁଦ୍ରାକ୍ଷର ଅନେକ ଭୂମିକା ରହିଥାଏ।

* ଶରୀରରେ ରୁଦ୍ରାକ୍ଷ ଧାରଣ କଲେ ଏହା ଆମ ଭିତରେ ଆତ୍ମବିଶ୍ୱାସ ବୃଦ୍ଧି କରାଇବା ଏବଂ ମନକୁ ଶାନ୍ତ ରଖିବାରେ ମଧ୍ୟ ବିଶେଷ ସାହାଯ୍ୟ କରିଥାଏ। ତା'ଛଡ଼ା ଏହା ନକାରାତ୍ମକ ଉର୍ଜାକୁ ନଷ୍ଟ କରି ସକାରାତ୍ମକ ଉର୍ଜା ଉତ୍ପନ୍ନ କରିବାରେ ବି ବହୁ ଉପକାରୀ ସାବ୍ୟସ୍ତ ହୋଇଥାଏ।

* କୁହାଯାଏ, ଯେତେବେଳେ ଆମେ ଶାରୀରିକ ହେଉ ଅବା ମାନସିକ ସ୍ତରରେ ଚିନ୍ତାଗ୍ରସ୍ତ ହୋଇଥାଉ, ସେତେବେଳେ ଶରୀରରୁ ଅଧିକ ଉର୍ଜା ଉତ୍ପନ୍ନ ହୋଇଥାଏ। ଆଉ ଏହି ଉର୍ଜାକୁ ଶୀଘ୍ର ନଷ୍ଟ କରା ନ ଗଲେ, ଏହା ରକ୍ତଚାପ, ଚିନ୍ତା ତଥା ଅବସାଦ ଜନିତ ସମସ୍ୟାକୁ ଅଧିକ ବଢ଼ାଇ ଦେଇଥାଏ। ଏଭଳି କ୍ଷେତ୍ରରେ ଶରୀରରେ ରୁଦ୍ରାକ୍ଷର ମାଳା ପିନ୍ଧିଲେ ଏହା ଧୀରେ ଧୀରେ ଆମ ଭିତରେ ଥିବା ସେହି ଖରାପ ଉର୍ଜାକୁ ନଷ୍ଟ କରି ଆମକୁ ମାନସିକ ସ୍ତରରେ ଶାନ୍ତି ପ୍ରଦାନ କରିଥାଏ।

ଖାସ୍ ଏହିସବୁ କାରଣ ପାଇଁ ବିଶେଷକରି ସାଧୁସନ୍ଥମାନେ ଶରୀରରେ ରୁଦ୍ରାକ୍ଷର ମାଳା ଧାରଣ କରିଥାନ୍ତି। କିନ୍ତୁ ଏବେ ଦେଖିବାକୁ ମିଳୁଛି ଧୀରେ ଧୀରେ ଯୁବପିଢି ବି ଏଥିପ୍ରତି ଆକର୍ଷିତ ହେଲେଣି। ଆଉ ତାହାକୁ ଲକ୍ଷ୍ୟକରି ମାର୍କେଟ୍‌ରେ ବି ବର୍ତ୍ତମାନ ରୁଦ୍ରାକ୍ଷର ଅନେକ ସୁନ୍ଦର ସୁନ୍ଦର ମାଳା, ବ୍ରେସ୍‌ଲେଟ୍, ଇୟର ରିଂ, ଫିଙ୍ଗର୍ ରିଂ ଆଦି ମିଳିଲାଣି। ଏପରିକି ଅନେକ ଆର୍ଟିଫିସିଆଲ୍ ରୁଦ୍ରାକ୍ଷ ଅର୍ନାମେଣ୍ଟ ବି ଏବେ ମିଳୁଥିବା ଦେଖିବାକୁ ମିଳୁଛି। ତେବେ ସେ ଯାହା ବି ହେଉ, ବିଶ୍ୱାସ ରହିଛି ଯେ ସୁଧପୂତ ହୋଇ ଶରୀରରେ ରୁଦ୍ରାକ୍ଷ ଧାରଣ କଲେ ଏହାର ଅନେକ ସୁଫଳ ମିଳିଥାଏ; ନଚେତ୍ ଏହାକୁ ଅବମାନନା କଲେ ଫଳ ଓଲଟା ବି ମିଳିପାରେ।

## ଅତର ବ୍ୟବହାର କରିବାର ବିଧି






ଅତରକୁ ନେଇ ଯୁବପିଢ଼ିଙ୍କ ମନ ଭିତରେ ଆଗ୍ରହ ଦିନକୁ ଦିନ ବଢ଼ିବାରେ ଲାଗିଛି। ନୂଆ ନୂଆ ବାସ୍ନା ପ୍ରତି ଯୁବପିଢ଼ିଙ୍କର ସ୍ୱତନ୍ତ୍ର ଆକର୍ଷଣ ଦେଖିବାକୁ ମିଳୁଛି। ବାସ୍ନାକୁ ଯେତିକି ଯେତିକି ଉତ୍ସୁକତା ରହିଛି, ଅତରର ବାସ୍ନା କିପରି ଦୀର୍ଘ ସମୟ ପର୍ଯ୍ୟନ୍ତ ରହିବ ତାହାକୁ ନେଇ ବେଶି ଉତ୍ସୁକତା ଦେଖିବାକୁ ମିଳୁଛି। ସେଥିପାଇଁ କେହି କେହି ହାର୍ଡ ଅତର ନେଉଥିବାବେଳେ ଆଉ କେହି ଆବଶ୍ୟକତାରୁ ଅଧିକ ଅତର ବ୍ୟବହାର କରିଥାନ୍ତି। ମାତ୍ର ମନେରଖନ୍ତୁ ସେପରି କଲେ ଅତରର ବାସ୍ନା ଦୀର୍ଘ ସମୟ ପାଇଁ ରୁହେ ନାହିଁ। କ'ଣ କଲେ ଦୀର୍ଘ ସମୟ ପର୍ଯ୍ୟନ୍ତ ବାସ୍ନା ରହିବ ତାହା ନିମ୍ନରେ ଉଲ୍ଲେଖ କରାଯାଇଛି।

❖ ଗାଧୋଇ ସାରିବା ପରେ ଶେଷରେ ଗୋଟାଏ ମଗ୍ ପାଣିରେ ଆକର୍ଷଣୀୟ ଅତର ମିଶ୍ରଣ କରାଇ ଦେହରେ ଢାଳିଦିଅନ୍ତୁ। ତା'ପରେ ପୋଛି ହୋଇ ପୋଷାକ ପିନ୍ଧନ୍ତୁ ଦେଖିବେ ଦିନସାରା ଆପଣଙ୍କ ଦେହରୁ ଅତର ବାସ୍ନା ଛାଡ଼ିବ ନାହିଁ।


❖ ବଡି ଲୋସନକୁ ପାପୁଲିରେ ନିଅନ୍ତୁ। ସେଥିରେ ଟିକେ ଅତର ସ୍ପ୍ରେ କରି ଶରୀରରେ ଲଗାନ୍ତୁ। ଏମିତି କଲେ ବି ବାସ୍ନା ଦୀର୍ଘ ସମୟ ପର୍ଯ୍ୟନ୍ତ ରହିବ।

❖ ଶରୀରରେ ଗଣ୍ଠି ମୁଣ୍ଡରେ ଅତର ସ୍ପ୍ରେ କଲେ ବାସ୍ନା ବେଶି ସମୟ ରହିଥାଏ। କହୁଣୀର ଉପର ପାର୍ଶ୍ୱ, ନାଭି, କାନ ତଳ, ଅଣ୍ଟା, ବକ୍ଷ ଆଦି ସ୍ଥାନରେ ଅତର ପକାଇଲେ ସହଜରେ ବାସ୍ନା ଯାଏ ନାହିଁ। ଦୀର୍ଘ ସମୟ ପର୍ଯ୍ୟନ୍ତ ଶରୀରରୁ ସୁଗନ୍ଧ ଆସେ।

❖ ମନେରଖନ୍ତୁ ଗାଧୋଇବା ସଙ୍ଗେ ସଙ୍ଗେ ହିଁ ଓଦା ଦେହରେ ଅତର ବ୍ୟବହାର କରିବା ଖୁବ୍ ଭଲ। ଏହା ଲୋମ ମୂଳରେ ଭେଦି ଯିବା ହେତୁ ଦୀର୍ଘ ସମୟ ପର୍ଯ୍ୟନ୍ତ ବାସିଥାଏ।

# ଅଜବ ମୋବାଇଲ୍ କଭର୍





ମୋବାଇଲ ଆମ ଜୀବନର ଏମିତି ଏକ ଅଂଶ ପାଲଟିଯାଇଛି ଯେ, ଏହାଠୁ ଘଡ଼ିଏ ଦୂରେଇ ରହିବା କଷ୍ଟକର ହୋଇଯାଉଛି। ଆଉ ଏହାର କିଛି କ୍ଷତି ହୋଇଗଲେ ତ ଭାରି ବାଧେ। ତେଣୁ ଏହା ଯେମିତି ସୁରକ୍ଷିତ ରହିବ ସେଥିଲାଗି ସମସ୍ତେ ଦାମୀ ମୋବାଇଲ୍ କଭର୍ ଲଗାଇଥାନ୍ତି। ତେବେ ଜାଣନ୍ତି କି ଏମିତି ବି କିଛି ମୋବାଇଲ କଭର୍ ଅଛି ଯାହା ଦେଖିବାକୁ ଏତେ ଅଜବ ଯେ, ପ୍ରଥମ ଦେଖାରେ ଜାଣି ହେବନି ତାହା ମୋବାଇଲ କଭର୍ ବୋଲି...

**ନୋଷ୍ଟ୍ରିଲ ମୋବାଇଲ୍ କଭର୍:** ମଣିଷର ନାକ ପରି ଦେଖାଯାଉଥିବା ଏହି ଜିନିଷଟି ଏକ ଆଇଫୋନ୍ ମୋବାଇଲ୍ କଭର୍। କଥା ହେବାବେଳେ ଏହାର ଦୁଇ ନାକ ପୁଡ଼ା ଭିତରେ ଆଙ୍ଗୁଳି ପୁରାଇ ମୋବାଇଲ୍‌କୁ ଭଲଭାବେ ଧରିହେବ। ତା' ଭିତରେ ଇୟର ବଡ୍‌ସ ବି ରଖିପାରିବେ ।

***ଷ୍ଟିକ୍ ଆଇସ୍‌କ୍ରିମ୍/ପପ୍‌ସିକଲ୍ ମୋବାଇଲ୍ କଭର୍:*** ଯେଉଁମାନଙ୍କୁ ଆଇସ୍‌କ୍ରିମ ଭଲଲାଗେ ସେମାନେ ଏହାକୁ ଦେଖିବାମାତ୍ରେ ପାଟିରୁ ଲାଳ ଗଡ଼ାଇବେ। ସତସତିକା ପପ୍‌ସିକଲ୍ ବା ଷ୍ଟିକ୍ ଆଇସ୍‌କ୍ରିମ ପରି ଦେଖାଯାଉଥିବା ଏହି ଜିନିଷଟି କିନ୍ତୁ ପ୍ରକୃତରେ ଏକ ମୋବାଇଲ୍ କଭର୍। ଏହାର ଉପରଭାଗର ଏକ ପାର୍ଶ୍ୱରୁ କିଛି ଅଂଶ ଖାଇବା ପରି ଦେଖାଯାଏ। ତେବେ ଏହି ଡିଜାଇନ୍ ଏଇଥିପାଇଁ କରାଯାଇଛି ଯେମିତିକି ଫୋନ୍‌ର କ୍ୟାମେରା ଘୋଡ଼େଇ ନ ହୁଏ।

***ହେୟାର ବ୍ରଶ୍ କଭର୍:*** ସେଲ୍ଫି ନେବା ପାଇଁ ଏହି ମୋବାଇଲ୍ କଭର୍ ପରଫେକ୍ଟ। କାରଣ ସେଲ୍ଫି ନେବା ପୂର୍ବରୁ କେଶ ସଜାଡ଼ିବା ଓ ସଜବାଜ ହେବା ଲାଗି ଏଥିରେ ବ୍ୟବସ୍ଥା ଅଛି। ଏହା ହେଉଛି ଏକ ହେୟାର ବ୍ରଶ ମୋବାଇଲ୍ କଭର୍। ଖାସ୍‌କରି ଆଇଫୋନ୍ ପାଇଁ ଉଦ୍ଦିଷ୍ଟ ଏହି କଭର୍ ଗୋଟିଏ ପାର୍ଶ୍ୱରେ ହେୟାର୍ ବ୍ରଶ୍ ଥିବାବେଳେ ଅନ୍ୟ ପାର୍ଶ୍ୱରେ ଫୋନ୍ କେସ୍ ଅଛି। ସେଲ୍ଫି ନେବା ପୂର୍ବରୁ ମୁହଁକୁ ସଜାଇବା ପାଇଁ ମୋବାଇଲ କେସ୍ ପାଖରେ ଏକ ମିରର୍ ବି ଅଛି।

***ମଣିଷ କାନ ପରି କଭର୍:*** ଏହି ମୋବାଇଲ୍ କଭର୍ ଦେଖିବାକୁ ମଣିଷର କାନ ପରି। ଏହା ମୋବାଇଲ୍‌କୁ ସୁରକ୍ଷିତ ରଖେ ସତ। ହେଲେ କଥା ହେବାବେଳେ ଏହି ବଡ଼ କାନର କଭର୍ ବେଶ୍ ଅଜବ ଦେଖାଯାଏ।

***ଫ୍ରାଇଡ୍ ଚିକେନ୍ ମୋବାଇଲ୍ କଭର୍:*** ଆମେରିକୀୟ ବ୍ୟବସାୟୀ କୋଲୋନେଲ ସାଣ୍ଡର୍ସଙ୍କ ଜନ୍ମ ଦିବସ ପାଳନ ଅବସରରେ ଜାପାନରେ କେଏଫ୍‌ସି ଦେଇଥିଲା ଫ୍ରାଇଡ୍ ଚିକେନ୍ ଲେଗ୍ ପିସ୍ ପରି ଦେଖାଯାଉଥିବା ଆଇଫୋନ୍ କେସ୍। ଏହି ଫୋନ୍ କଭର୍‌ର ଆକାର ଥିଲା ଖୁବ୍ ବଡ଼। ଆଉ କଥା ହେବାବେଳେ କାନ ପାଖରେ ଏତେ ବଡ ଫ୍ରାଇଡ ଚିକେନ ମୋବାଇଲ୍ କଭର୍ ବେଶ୍ ଅଜବ ଲାଗୁଥିଲା।

***ଆଇସୋପଡ୍ ମୋବାଇଲ୍ କଭର୍:*** ଜାପାନରେ ଆଇସୋପଡ (ଏକ ସାମୁଦ୍ରିକ ପ୍ରାଣୀ) କୁ ସୁନ୍ଦର ମନେ କରନ୍ତି। ବହୁତ ଭଲ ବି ପାଆନ୍ତି। ତେଣୁ ଏଠାରେ ମିଳେ ଏହି ଆଇସୋପଡ ପରି ମୋବାଇଲ୍ କଭର୍। ଏଥିରେ ଫୋନ୍ ସମ୍ପୂର୍ଣ୍ଣ ସୁରକ୍ଷିତ ରହେ। ହେଲେ ଏକ ପୋକ ପରି ମୋବାଇଲ କଭର୍ ବହୁତ ଅଜବ ଲାଗେ।

***ଖାଦ୍ୟ ପ୍ଲେଟ୍ ମୋବାଇଲ୍ କଭର୍:*** ଏହି ମୋବାଇଲ କଭରକୁ ଓଲଟାଇ ରଖିଦେଲେ ଲାଗିବ ସତେ ଯେମିତି କିଏ ପ୍ଲେଟ୍‌ରେ ସୁସ୍ୱାଦୁ ଖାଦ୍ୟ ପରଷି ଦେଇଛି। ତେଣୁ ଏହା ଖାଦ୍ୟ ପ୍ରିୟ ଲୋକଙ୍କୁ ବେଶ୍ ଭଲ ଲାଗିବ।

***କ୍ୟାସେଟ୍ ମୋବାଇଲ୍ କଭର୍:*** କିଛି ବର୍ଷ ପୂର୍ବେ ଗୀତ ଶୁଣିବା ପାଇଁ କ୍ୟାସେଟ୍‌ର ବ୍ୟବହାର କରାଯାଉଥିଲା। ଏବେ ତ ଆଉ ଏହାର ବ୍ୟବହାର ନାହିଁ। ତେବେ କ୍ୟାସେଟ୍ ପରି ଦେଖାଯାଉଥିବା ମୋବାଇଲ୍ କଭର୍ କିନ୍ତୁ ଅଛି।

***ଲୋବଷ୍ଟର ମୋବାଇଲ୍ କଭର୍:*** ଏହି ମୋବାଇଲ୍ କଭର୍ ଦେଖିବାକୁ ପୂରାପୁରି ସାମୁଦ୍ରିକ ଜୀବ ଲୋବଷ୍ଟର ପରି। ଏଥରେ ମୋବାଇଲ୍ ରଖି କଥା ହେବାବେଳେ ସତସତିକା ଲୋବଷ୍ଟର ଧରି ଥିବା ଭଳି ଲାଗିବ। କେହି କେହି ଏହାକୁ ଦେଖି ଡରିଯିବେ ମଧ୍ୟ।



# ଭୂତଳ ଜଳରେ ୟୁରାନିୟମ୍

ଦ୍ରୁତ ସହରୀକରଣ, ଶିଳ୍ପାୟନ ତଥା ସଘନ କୃଷି ସହିତ ତାଳଦେଇ ବଢ଼ି ଚାଲିଛି ସମଗ୍ର ପୃଥିବୀରେ ଜଳ ପ୍ରଦୂଷଣ, ବିଶେଷ କରି ନଦୀ ଜଳ। ଏଣୁ ଅଧିକରୁ ଅଧିକ ବଢ଼ୁଛି ଭୂତଳ ଜଳ ଉପରେ ନିର୍ଭରଶୀଳତା। ତେବେ ଏହା ମଧ୍ୟ ପ୍ରଦୂଷଣମୁକ୍ତ ନୁହେଁ। ଅନେକ ସ୍ଥାନରେ ଏହାର ପାନୀୟ ତଥା ସେଚନ ଉପଯୋଗିତା ନ ଥିବା ଜଣାପଡ଼ିଲାଣି। ଏଥିରେ ଥିବା ବିଭିନ୍ନ ବିବିଧ ପ୍ରଦୂଷକମାନଙ୍କ ମଧ୍ୟରେ ମାରାତ୍ମକ ହେଲେ ଆର୍ସେନିକ, ଫ୍ଲୋରାଇଡ୍ ଏବଂ ସୀସା, ପାରଦ, କାଡମିୟମ ଆଦି ବିବିଧ ଭାରିଧାତୁ। ଏଗୁଡ଼ିକ ନାନାରୂପେ ଆମ ଶରୀର ମଧ୍ୟକୁ ପ୍ରବେଶ କରୁଛନ୍ତି। ଫଳରେ ସୃଷ୍ଟି ହେଉଛି ବିବିଧ ସ୍ୱାସ୍ଥ୍ୟ ସମସ୍ୟା। ଏବେ ଏଥିରେ ୟୁରାନିୟମର ମଧ୍ୟ ସନ୍ଧାନ ମିଳିଲାଣି। ଆମ ଦେଶର ୧୨ଟି ରାଜ୍ୟର ଭୂତଳ ଜଳ ଏହାଦ୍ୱାରା ବିଶେଷ ଭାବରେ ପ୍ରଭାବିତ ହେବାର ଜଣାପଡ଼ିଛି।

ଏଗୁଡ଼ିକ ମଧ୍ୟରେ ପ୍ରଥମ ସ୍ଥାନରେ ରହିଛି ପଞ୍ଜାବ। ସେଠାରେ ପ୍ରତି ୧୦ଟି କୂପର ଜଳ ମଧ୍ୟରୁ ତିନୋଟିରେ ଏହାର ଘନତ୍ୱ ଭାରତୀୟ ମାନକ ବ୍ୟୁରୋ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଦ୍ୱାରା ନିର୍ଦ୍ଧାରିତ ନିରାପଦ ମାତ୍ରା 'ପ୍ରତି ବିଲିୟନ ଭାଗରେ ୩୦ ଭାଗ'ରୁ ଅଧିକ ହେବାର ଦେଖାଯାଇଛି। ହାରାହାରି ଭାବେ ଏହା ତା'ର ୧୭.୭ ଗୁଣ ଏବଂ କେତେକ ସ୍ଥାନରେ ଅତ୍ୟଧିକ ଅର୍ଥାତ୍ ପ୍ରତି ବିଲିୟନ ଭାଗରେ ୫୩୨ ଭାଗରେ ପହଞ୍ଚିଛି।

ପ୍ରାୟ ୨୯ ପ୍ରତିଶତ ଭୂତଳ ଜଳରେ ଅଧିକ ୟୁରାନିୟମ୍ ଥିବା ପଞ୍ଜାବକୁ ବାଦ୍ ଦେଲେ ଯେଉଁ ରାଜ୍ୟଗୁଡିକ ଏହାଦ୍ୱାରା ବିଶେଷଭାବରେ ପ୍ରଭାବିତ ସେଗୁଡ଼ିକ ହେଲେ ହରିୟାଣା (୧୪.୪ ପ୍ରତିଶତ), ଉତ୍ତର ପ୍ରଦେଶ (୯.୨ ପ୍ରତିଶତ), ରାଜସ୍ଥାନ (୮.୬ ପ୍ରତିଶତ), ଦିଲ୍ଲୀ (୩.୯ ପ୍ରତିଶତ), ଓଡ଼ିଶା (୦.୬୯ ପ୍ରତିଶତ), ତେଲଙ୍ଗାନା (୧.୪୩ ପ୍ରତିଶତ), ଛତିଶଗଡ଼ (୦.୧୨ ପ୍ରତିଶତ), ତାମିଲନାଡୁ (୩.୪ ପ୍ରତିଶତ) ଏବଂ ମଧ୍ୟପ୍ରଦେଶ (୧.୩ ପ୍ରତିଶତ)। ଏଗୁଡ଼ିକ ବ୍ୟତୀତ ୨୦୧୯ ମସିହାରେ ଅନୁଷ୍ଠିତ ସର୍ବେକ୍ଷଣ ଅନୁସାରେ ଭୂତଳ ଜଳରେ ମାତ୍ରାଧିକ ୟୁରାନିୟମ ଥିବା ଅନ୍ୟ ରାଜ୍ୟଗୁଡ଼ିକ ହେଲା-ଆନ୍ଧ୍ର ପ୍ରଦେଶ, ହିମାଚଳ ପ୍ରଦେଶ, ମହାରାଷ୍ଟ୍ର, ଗୋଆ, ବିହାର, କର୍ନାଟକ, ପଶ୍ଚିମବଙ୍ଗ (ଗ୍ରାଉଣ୍ଡ ୱାଟର ଇୟର ବୁକ୍ ୨୦୨୧-୨୦୨୨ ଅନୁସାରେ)।

ଏହି ତେଜସ୍କ୍ରିୟ ଧାତୁଟି ଏକ ବୃକ୍‌ବିଷ। ଅତଏବ ଏହାଦ୍ୱାରା ସଂକ୍ରମିତ ଜଳ ପାନ କରୁଥିବା ଲୋକଙ୍କର ବୃକ୍କ ବା କିଡ୍‌ନୀ ଠିକ୍ ଭାବରେ କାମ କରେ ନାହିଁ ଏବଂ ତାହା ମଧ୍ୟ ନଷ୍ଟ ହୋଇଯିବାର ଆଶଙ୍କା ରହିଛି। ପୁନଶ୍ଚ ୟୁରାନିୟମ ପ୍ରତି ଉନ୍ମୁକ୍ତ ରହିବା ଅସ୍ଥି କ୍ଷୟ, କିଡ୍‌ନୀ ଏବଂ ପରିସ୍ରା ନଳୀରେ କ୍ୟାନ୍‌ସର୍‌ର କାରଣ ମଧ୍ୟ ହୋଇପାରେ। ଶିଶୁ, ବୃଦ୍ଧ ଓ ପୂର୍ବରୁ କୌଣସି କିଡ୍‌ନୀ ରୋଗରେ ପୀଡ଼ିତ ଥିବା ଲୋକ ଏହାଦ୍ୱାରା ଅଧିକ ପ୍ରଭାବିତ ହୁଅନ୍ତି। ୟୁରାନିୟମ ଏକ ତେଜସ୍କ୍ରିୟ ପଦାର୍ଥ ହୋଇଥିଲେ ହେଁ ପାନୀୟ ଜଳରେ ତାହା ରାସାୟନିକ ବିଷ ରୂପେ କାର୍ଯ୍ୟ କରେ।

ଭୂତଳ ଜଳକୁ ୟୁରାନିୟମ ଆସିଥାଏ ମୁଖ୍ୟତଃ ଭୂଜନିତ ପ୍ରକ୍ରିୟା ମାଧ୍ୟମରେ। ତେବେ ତାହାର ଅତ୍ୟଧିକ ଉତ୍ତୋଳନକୁ ମଧ୍ୟ ଅନ୍ୟ ଏକ କାରଣ ରୂପେ ଗ୍ରହଣ କରାଯାଏ। ଡ୍ୟୁକ୍ ବିଶ୍ୱବିଦ୍ୟାଳୟର ଗବେଷକମାନଙ୍କ ମତରେ ଭୂତଳ ଜଳାଧାର ତହିଁରେ ମିଶିବା ଲାଗି ଅଧିକ ମାତ୍ରାରେ ଦାୟୀ। ପୁନଶ୍ଚ ଏହାର ଘନତ୍ୱ ଅତ୍ୟଧିକ ଥିବା ସ୍ଥାନଗୁଡିକରେ 'ବାଇକାର୍ବୋନେଟ୍'ର ମାତ୍ରା ମଧ୍ୟ ଖୁବ୍ ବେଶି। ଉକ୍ତ ରସାୟନଟି ଶିଳା ଉତ୍ସରୁ ୟୁରାନିୟମ ନିର୍ଗତ କରାଏ ବୋଲି ମତ ଦିଅନ୍ତି ଉକ୍ତ ଗବେଷକ ଦଳର ମୁଖ୍ୟ ରାଚେଲ କୋୟଟେ। ସେ ମଧ୍ୟ ସତର୍କ କରାନ୍ତି ଯେ, ଏହା ପଛରେ କେତେକ ମାନବକୃତ କାରଣ ମଧ୍ୟ ରହିଥାଇପାରେ। ଉଦାହରଣସ୍ୱରୂପ, ଅତ୍ୟଧିକ ଭୂତଳ ଜଳ ଉତ୍ତୋଳନ, ଏହାର ସ୍ତର ହ୍ରାସ କ୍ଷେତ୍ରରେ ରାସାୟନିକ ସାରର ବହୁଳ ବ୍ୟବହାର ଏବଂ ନାଇଟ୍ରେଟ୍ ପ୍ରଦୂଷଣ ଏହି ସମସ୍ୟାକୁ ବୃଦ୍ଧି କରାଇଥାଏ। ଦେଶର ପ୍ରାୟ ସମସ୍ତ ଭୂତଳ ଜଳାଧାରଗୁଡ଼ିକୁ ଅତ୍ୟଧିକ ଜଳ ବ୍ୟବହାର ଏବଂ ତାହାଦ୍ୱାରା ସୃଷ୍ଟି ହେଉଥିବା ସମସ୍ୟାଗୁଡ଼ିକ ବିଷୟରେ ଭାବା ଆଣବିକ କେନ୍ଦ୍ର ଏବଂ ହୋମିଭାବା ଜାତୀୟ ପ୍ରତିଷ୍ଠାନ ଦ୍ୱାରା ୨୦୨୧ ମସିହାରେ ନିଶ୍ଚିତ କରାଯାଇଥିଲା। ତହିଁରେ ଆର୍ସେନିକ, ଫ୍ଲୋରାଇଡ୍ ଏବଂ ୟୁରାନିୟମର ମାତ୍ରା ବୃଦ୍ଧି ହେବାର ଅନ୍ୟତମ ମୁଖ୍ୟ କାରଣ।

ଏଠାରେ ସୂଚନାଯୋଗ୍ୟ ଯେ, ଗତବର୍ଷ ଗବେଷଣା ପତ୍ରିକା 'ନେଚର'ରେ ପ୍ରକାଶିତ ଏକ ନିବନ୍ଧ ଅନୁସାରେ ବିହାରର ୬ଟି ଜିଲ୍ଲାରେ ମା' କ୍ଷୀରରେ ୟୁରାନିୟମର ସନ୍ଧାନ ମିଳିଛି। ଅବଶ୍ୟ ଏହା ତୁଳନାତ୍ମକ ଭାବରେ କମ୍। ତେବେ ଶିଶୁ ତାହା ଦୀର୍ଘଦିନ ଧରି ପାନ କରିବା ଦ୍ୱାରା ବିବିଧ ସ୍ୱାସ୍ଥ୍ୟଜନିତ ସମସ୍ୟା ସୃଷ୍ଟି କରିପାରେ ବୋଲି ମନେ କରାଯାଉଛି। ସମ୍ଭବତଃ ମା'ର ଶରୀରରେ ଏହି ମୌଳିକ ପଦାର୍ଥଟି ପାନୀୟ ଜଳ ମାଧ୍ୟମରେ ହିଁ ଆସୁଛି। ଏପରି ସ୍ଥଳେ କ୍ଷେତରେ ସେଚିତ ଜଳରୁ ଏହା ଶସ୍ୟ ମଧ୍ୟକୁ ପ୍ରବେଶ କରିବାର ସମ୍ଭାବନାକୁ ଏଡାଇ ଦେଇ ହେବ ନାହିଁ।

ସାଧାରଣ ଭାବେ ଭୂତଳଜଳକୁ ୟୁରାନିୟମୁକ୍ତ କରିବା ଲାଗି ଏବେ କୌଣସି ବ୍ୟବସ୍ଥା ନାହିଁ। ତେବେ ପାନୀୟ ଜଳକୁ ବିଶୋଧନ ଲାଗି ଭାବା ପରମାଣୁ ଗବେଷଣା କେନ୍ଦ୍ର ଏବଂ ମିଶ୍ର ବସ୍ତୁ ପରଦା ପଦ୍ଧତି ବା 'ହାଇବ୍ରିଡ ମେମ୍ବ୍ରେନ୍ ଟେକ୍‌ନିକ୍'ର ବିକାଶ ଘଟାଉଛି। ପୁନଶ୍ଚ ଓଲଟା ପରାସରଣ ବା 'ରିଭର୍ସ ଅସମୋସିସ୍' ପ୍ରକ୍ରିୟାରେ ଜଳକୁ ତହିଁରୁ ବିମୁକ୍ତ କରି ପାନୀୟ ରୂପେ ଯୋଗାଇବା ପାଇଁ ମଧ୍ୟ ବ୍ୟବସ୍ଥା ହେଉଛି।'

# କାଶୀ ବିଶ୍ୱନାଥ ମନ୍ଦିର



ହିନ୍ଦୁ ଧର୍ମୀୟ ଭାବନାରେ ବାରାଣସୀ ପୃଥିବୀର ସବୁଠାରୁ ପୁଣ୍ୟତମ ସ୍ଥାନ; ଯାହା କାଶୀ ନାମରେ ବି ପରିଚିତ। ବାରାଣସୀର କାଶୀ ବିଶ୍ୱନାଥ ମନ୍ଦିର ପୁରାଣ ବର୍ଣ୍ଣିତ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗମାନଙ୍କ ମଧ୍ୟରେ ଅନ୍ୟତମ। ପୁଣ୍ୟଭୂମି ଉତ୍ତରପ୍ରଦେଶର ଗଙ୍ଗା ନଦୀ ତଟରେ ଅବସ୍ଥିତ ଏହି ମନ୍ଦିରଟି ସାରା ବିଶ୍ୱର ପର୍ଯ୍ୟଟକଙ୍କ ପାଇଁ ଅତୀବ ପବିତ୍ର ଏବଂ ଆକର୍ଷଣୀୟ ସ୍ଥାନ।

## ମନ୍ଦିର ସମ୍ପର୍କରେ କିମ୍ବଦନ୍ତୀ

ଶିବ ପୁରାଣରେ ବର୍ଣ୍ଣିତ ଅଛି ଯେ ଥରେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ମଧ୍ୟରେ କିଏ ବଡ଼ ବୋଲି ଦ୍ୱନ୍ଦ୍ୱ ଉପୁଜିଲାରୁ ମହାଦେବ ନିଜକୁ ସ୍ତମ୍ଭ ଆକୃତିର ଆଲୋକ ରଶ୍ମିଟିଏ କରି ସ୍ୱର୍ଗ ମର୍ତ୍ତ୍ୟ ପାତାଳ ତିନିପୁରକୁ ବ୍ୟାପ୍ତ ହୋଇଗଲେ ଏବଂ ତାଙ୍କର ଆଦି ଅନ୍ତ କେଉଁଠି ଖୋଜିବା ପାଇଁ ବ୍ରହ୍ମା, ବିଷ୍ଣୁଙ୍କୁ ଆହ୍ୱାନ କଲେ। ବିଷ୍ଣୁ ଏକ ବରାହ ରୂପ ଧରି ନିଜର ତୀକ୍ଷ୍ଣ ଶିଙ୍ଗରେ ଭୂମିକୁ ଖନନ କରି କରି ଶେଷରେ ମହେଶ୍ୱରଙ୍କ ଆଦି ଅନ୍ତ ନ ପାଇ ନିଜର ପରାଜୟ ସ୍ୱୀକାର କରିନେଲେ। ବ୍ରହ୍ମା ଏକ ହଂସ ରୂପରେ ପୃଥିବୀରୁ ସ୍ୱର୍ଗ ଯାଏଁ ମହେଶ୍ୱରଙ୍କ ସେହି ଆଲୋକ ରଶ୍ମିର ଶୀର୍ଷଭାଗ ଖୋଜିବା ପାଇଁ ଉଡ଼ିଗଲେ। କେଉଁଠି କିଛି ଠାବ ନ ପାଇ ଅଧାବାଟରୁ ଫେରିଆସି ମିଛରେ କହିଲେ କି ସେ ମହାଦେବଙ୍କ ଶୀର୍ଷଦେଶ ଦର୍ଶନ କରି ଫେରିଛନ୍ତି। ବ୍ରହ୍ମାଙ୍କର ମିଥ୍ୟାଳାପରେ କ୍ରୋଧିତ ହୋଇ ଦେବ ଦେବ ମହାଦେବ ତାଙ୍କର ପଞ୍ଚମ ଶିରଟିକୁ ତ୍ରିଶୂଳରେ ଛେଦନ କରିଦେଲେ ଏବଂ ତାଙ୍କୁ ସବୁ ଯୁଗରେ ପୃଥିବୀରେ ଅପୂଜା ରହିବା ଲାଗି ଅଭିଶାପ ଦେଲେ। ସେହି ଦିନଠାରୁ ବ୍ରହ୍ମାଙ୍କର ଚାରୋଟି ମୁଖ ରହିଛି ଏବଂ ସେ ସଦାକାଳେ ଅପୂଜା ରହିଛନ୍ତି। ବିଷ୍ଣୁ ନିଜର ବିନମ୍ର ଭାବ ଯୋଗୁ ମହେଶ୍ୱରଙ୍କର ଅତି ପ୍ରିୟ ହୋଇଛନ୍ତି ଏବଂ ନିଜେ ମହାଦେବ ତାଙ୍କର ଜ୍ୟୋତିର୍ଲିଙ୍ଗ ସ୍ୱରୂପରେ ସାରା ସଂସାରରେ ପୂଜା ପାଉଛନ୍ତି। ଶୈବ ଧର୍ମାବଲମ୍ବୀମାନଙ୍କ ପାଇଁ କାଶୀ ବିଶ୍ୱନାଥ ସର୍ବଶ୍ରେଷ୍ଠ ତୀର୍ଥସ୍ଥଳୀ।





## ମନ୍ଦିରକୁ ନେଇ ଇତିହାସ

ଐତିହାସିକ ତଥ୍ୟ ଅନୁସାରେ, ଏହି ମନ୍ଦିରଟି ପ୍ରଥମେ ସମ୍ରାଟ୍ ବିକ୍ରମାଦିତ୍ୟଙ୍କ ଦ୍ୱାରା ନିର୍ମିତ ହୋଇଥିଲା। ଅନେକବାର ବାହ୍ୟ ଶତ୍ରୁମାନଙ୍କ ଆକ୍ରମଣରେ ଏହା ଧ୍ୱଂସବିଧ୍ୱସ୍ତ ହୋଇଛି ଏବଂ ପରବର୍ତ୍ତୀ ସମୟରେ ଏହାର ପୁନଃ ନିର୍ମାଣ କରାଯାଇଛି। ଶେଷଥର ପାଇଁ ମୋଗଲ ସମ୍ରାଟ୍ ଔରଙ୍ଗଜେବ ଏହାକୁ ଆକ୍ରମଣ କରି ଧ୍ୱଂସ କରିବା ସହ ସେଠାରେ ଅବସ୍ଥିତ ଜ୍ଞାନବ୍ୟାପି (ବାମ୍ପି) ଉପରେ ଜ୍ଞାନବ୍ୟାପି ମସ୍‌ଜିଦ୍ ତିଆରି କରିଥିଲେ; ଯାହା ବର୍ତ୍ତମାନ ସୁଦ୍ଧା ଏକ ବିବାଦୀୟ ସ୍ଥଳରୂପେ ପରିଗଣିତ ହେଉଛି। ବର୍ତ୍ତମାନ ଦୃଶ୍ୟମାନ ହେଉଥିବା ମନ୍ଦିରଟି ମରାଠାର ରାଣୀ ଅହିଲ୍ୟାବାଈ ହୋଲକାର୍‌ଙ୍କ ଦ୍ୱାରା ୧୭୮୦ ମସିହାରେ ନିର୍ମିତ ହୋଇଥିଲା। ୧୮୩୫ ମସିହାରେ ରାଜା ରଣଜିତ୍ ସିଂହ ଏହି ମନ୍ଦିରକୁ ସ୍ୱର୍ଣ୍ଣ ଆଚ୍ଛାଦିତ କରିବା ପାଇଁ ପ୍ରାୟ ୧ ଟନ୍ ସ୍ୱର୍ଣ୍ଣ ଦାନ କରିଥିଲେ। ପରବର୍ତ୍ତୀ ସମୟରେ ନାଗପୁରର ସମ୍ରାଟ ରଘୁଜି ଭୋନ୍ସଲେ ତୃତୀୟ ମଧ୍ୟ କିଛି ରୌପ୍ୟ ଏହି ମନ୍ଦିରକୁ ଦାନ କରିଥିବାର ସୂଚନା ରହିଛି। କିନ୍ତୁ ଏହି ସ୍ୱର୍ଣ୍ଣ ଓ ରୌପ୍ୟ ହିଁ ପରେ କିଛି ବିଦେଶୀ ଶତ୍ରୁଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ଆଉ ସେମାନେ ଏହାକୁ ଲୁଣ୍ଠନ କରିବାକୁ ଚେଷ୍ଟା କରିଥିଲେ। ଏବେ ବି ଅନେକ ଭକ୍ତ ଏହି ମନ୍ଦିରରେ ସୁନା ରୂପା ଦାନ କରୁଥିବାର ନଜିର ଦେଖିବାକୁ ମିଳୁଛି। ବର୍ତ୍ତମାନ ଏହି ମନ୍ଦିରଟି ସ୍ଥାନୀୟ ରାଜ୍ୟ ସରକାରଙ୍କ ଟ୍ରଷ୍ଟ ବୋର୍ଡ ଦ୍ୱାରା ପରିଚାଳିତ ହେଉଅଛି।

## ମନ୍ଦିରର ଗଠନଶୈଳୀ

ପ୍ରାୟ ୭୭ ମିଟର ଉଚ୍ଚର ଏହି ମୁଖ୍ୟ ମନ୍ଦିରଟି ତିନିଭାଗରେ ବିଭକ୍ତ। ତିନୋଟିଯାକ ଶିଖର ସ୍ୱର୍ଣ୍ଣ ଆଚ୍ଛାଦିତ। ପ୍ରଥମ ଗମ୍ବୁଜଟି ସଭାଗୃହ, ଦ୍ୱିତୀୟ ଗମ୍ବୁଜଟି ପ୍ରାର୍ଥନାସ୍ଥଳ ଏବଂ ତୃତୀୟ ଗଜଟି ଦେବ ଆସ୍ଥାନ। ଏହାର ଶିଖରରେ ସ୍ଥାପିତ ସ୍ୱର୍ଣ୍ଣ କଳସ ଉପରେ ମନ୍ଦିର ଧ୍ୱଜା ଉଡୁଛି। ମୁଖ୍ୟ ମନ୍ଦିରରେ ପୂଜା ପାଉଥିବା ଗାଢ଼ ବାଦାମୀ ରଙ୍ଗର ଶିବ ଲିଙ୍ଗଙ୍କର ଉଚ୍ଚତା ପ୍ରାୟ ୬୦ ସେ.ମି. ଏବଂ ଗୋଲେଇ ପ୍ରାୟ ୯୦ ସେ.ମି.। ମନ୍ଦିରର ଆକାର ଚତୁଃଷ୍କୋଣୀୟ ଏବଂ ତହିଁରେ କାଳ ଭୈରବ, ଅମୁକ୍ତେଶ୍ୱର, ଗଣେଶ, କାର୍ତ୍ତିକେୟ, ବିଷ୍ଣୁ, ଶିବ, ପାର୍ବତୀ, ଶନି ଇତ୍ୟାଦି ଦେବଦେବୀଙ୍କ ଛୋଟ ଛୋଟ ମନ୍ଦିର ରହିଛି। ବର୍ତ୍ତମାନର ମନ୍ଦିରର ଭିତର ପଟଟି ସମ୍ପୂର୍ଣ୍ଣ ରୂପେ ମାର୍ବଲ ପଥରରେ ଆଚ୍ଛାଦିତ। ସେଥିରେ ଭଗବତ୍ ଗୀତା ଏବଂ ପୁରାଣବର୍ଣ୍ଣିତ ଅନେକ ଘଟଣାବଳୀର ଚିତ୍ର ଅଙ୍କିତ ହୋଇଛି।

ମନ୍ଦିର ପରିସରରେ କାଶୀ ବିଶ୍ୱନାଥଙ୍କ ସହିତ ନଟରାଜ, ପଞ୍ଚମୁଖୀ ମହାଦେବ, ହନୁମାନ, ଗଣେଶ, ନନ୍ଦୀ, ସରସ୍ୱତୀ ଏବଂ ଆହୁରି ଅନେକ ଦେବଦେବୀଙ୍କ ମନ୍ଦିର ରହିଛି, ସେଥିପାଇଁ ଏହା ବିଶ୍ୱନାଥ ଗଳି ନାମରେ ପ୍ରସିଦ୍ଧ। ମନ୍ଦିରଟି ମୁଖ୍ୟତଃ ଶିବଙ୍କର ହୋଇଥିଲେ ମଧ୍ୟ ଏହି ସମସ୍ତ ଦେବଦେବୀଙ୍କର ଉପସ୍ଥିତି ଏହି କ୍ଷେତ୍ରର ମହତ୍ତ୍ୱ ବୃଦ୍ଧି କରିଥାଏ। ମନ୍ଦିରର ସୁରକ୍ଷା ପାଇଁ ଏଠାରେ ସିସି ଟିଭି ଏବଂ ଭକ୍ତମାନଙ୍କ ସହଜ ଦର୍ଶନ ଲାଗି ଏଲ୍‌ଇଡି ଓ ଟିଭି ପରଦାର ବ୍ୟବସ୍ଥା ରହିଛି। ମନ୍ଦିର ଭିତରେ ଯେଉଁଠି ଥିଲେ ମଧ୍ୟ ଠାକୁରଙ୍କୁ ସହଜରେ ସ୍ପଷ୍ଟ ଭାବେ ଦେଖାହୁଏ। ଭକ୍ତମାନଙ୍କ ଦର୍ଶନ ଏବଂ ପୂଜା କରିବା ମଧ୍ୟ ସୁବ୍ୟବସ୍ଥିତ। ୨୦୧୯ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଆରମ୍ଭ ହୋଇଥିଲା କାଶୀ କରିଡର୍ ଯୋଜନା। ଏଥିରେ କାଶୀ ବିଶ୍ୱନାଥ ମନ୍ଦିରର ଚତୁଃପାର୍ଶ୍ୱରେ ୫୦ ମାଇଲ୍ ବ୍ୟାପୀ ବିସ୍ତୃତ ସ୍ଥାନକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରି ଅନେକ ଉନ୍ନତୀକରଣ କରାଯାଇଛି। ଅଧୁନା ଏହା ଏକ ବିଶ୍ୱ ଐତିହ୍ୟସ୍ଥଳୀ ରୂପେ ମାନ୍ୟତାପ୍ରାପ୍ତ। ୨୦୨୨ ମସିହାରେ ଠାକୁରଙ୍କ ଆସ୍ଥାନକୁ ସମ୍ପୂର୍ଣ୍ଣ ସୁନାରେ ଛାଉଣି କରାଯାଇଛି। ପ୍ରତିଦିନ ଠାକୁରଙ୍କ ଉପରେ ଚଢ଼ାଯାଉଥିବା ଅସଂଖ୍ୟ ଫୁଲର ବର୍ଜ୍ୟକୁ ସଂଗ୍ରହ କରାଯାଇ ସୁଗନ୍ଧି ଧୂପ ତିଆରି କରାଯାଉଛି। ତେବେ ପଞ୍ଚକୋଶୀରେ ଶ୍ରେଷ୍ଠ ବୋଲାଉଥିବା ଏହି ବିଶ୍ୱନାଥଙ୍କ ଇଲାକାରେ ରହିଛି ପୁଣ୍ୟତୋୟା ଗଙ୍ଗାନଦୀର ମଣିକର୍ଣ୍ଣିକା ଘାଟ। ଏଠାରେ ଶବ ଦାହକଲେ ପୁନର୍ଜନ୍ମ ହୁଏନାହିଁ ବୋଲି ହିନ୍ଦୁମାନଙ୍କର ବିଶ୍ୱାସ ରହିଛି। ଏହି ମଣିକର୍ଣ୍ଣିକା ଘାଟରେ ପୂର୍ବପୁରୁଷଙ୍କ ସଂସ୍କାର ଏବଂ ଅସ୍ଥି ବିସର୍ଜନ ପାଇଁ ବର୍ଷସାରା ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥାଏ।

## କେମିତି ଯିବେ

ଏହି ପବିତ୍ରସ୍ଥଳକୁ ଗମନାଗମନର ସମସ୍ତ ସୁବିଧା ରହିଛି। ଏହାର ନିକଟତମ ରେଳଷ୍ଟେଶନ ହେଉଛି ବାରାଣସୀ ଜଙ୍କସନ୍ ଷ୍ଟେଶନ; ଯାହା ମାତ୍ର ୪ କି.ମି. ଦୂରରେ ଅବସ୍ଥିତ। ସେଠାରେ ସମସ୍ତ ପ୍ରକାର ଯାନବାହନ ମିଳିଥାଏ ମନ୍ଦିର ନିକଟକୁ ଯିବାକୁ। ଅନ୍ୟପକ୍ଷେ ଏହାର ନିକଟରେ ଲାଲ୍ ବାହାଦୁର ଶାସ୍ତ୍ରୀ ବିମାନବନ୍ଦର ରହିଛି; ଯାହା ମାତ୍ର ୨୫ କି.ମି. ଦୂରତାରେ ଅବସ୍ଥିତ। ସେଥିପାଇଁ ଏଠାରେ ଦିନକୁ ହାରାହାରି ତିନି ଲକ୍ଷ ଭକ୍ତଙ୍କ ସମାଗମ ହୋଇଥାଏ। ନାଗ ପଞ୍ଚମୀ, ମହାଶିବରାତ୍ରି, ଶ୍ରାବଣ ମାସ ଇତ୍ୟାଦି ବିଶେଷ ଦିନଗୁଡ଼ିକରେ ଭକ୍ତମାନଙ୍କ ସଂଖ୍ୟା ଆହୁରି ଅଧିକ ହୋଇଥାଏ।

# ଆଧ୍ୟାତ୍ମିକ ଜୀବନ ଓ ବାସ୍ତୁ ଶାସ୍ତ୍ର: ଏକ ସୁଖମୟ ସମନ୍ୱୟ

ଭୂମିକା ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଜୀବନକୁ କେବଳ ଭୋଗବିଳାସର ମାଧ୍ୟମ ନୁହେଁ, ବରଂ ଏକ ସାଧନା ଭାବେ ଗ୍ରହଣ କରାଯାଇଛି। ଆମର ଶାସ୍ତ୍ର ଅନୁସାରେ, ମଣିଷର ଶରୀର ଯେପରି ପଞ୍ଚଭୂତରେ ଗଠିତ, ଆମର ବାସସ୍ଥଳୀ ମଧ୍ୟ ସେହି ପଞ୍ଚତତ୍ତ୍ୱ ଦ୍ୱାରା ପ୍ରଭାବିତ। ଏହି ପରିପ୍ରେକ୍ଷୀରେ 'ଆଧ୍ୟାତ୍ମିକତା' ଏବଂ 'ବାସ୍ତୁ ଶାସ୍ତ୍ର' ମଧ୍ୟରେ ଥିବା ସମ୍ପର୍କ ଅତି ନିବିଡ଼। ଧର୍ମ ଆମକୁ ଭିତରୁ ଶୁଦ୍ଧ କରୁଥିବା ବେଳେ ବାସ୍ତୁ ଶାସ୍ତ୍ର ଆମ ଚାରିପାଖର ପରିବେଶକୁ ସନ୍ତୁଳିତ କରି ଏକ ସୁଖମୟ ଓ ଶାନ୍ତିପୂର୍ଣ୍ଣ ଜୀବନ ବିତାଇବାରେ ସହାୟକ ହୋଇଥାଏ।

ଆଧ୍ୟାତ୍ମିକତା କୌଣସି ନିର୍ଦ୍ଦିଷ୍ଟ ପୂଜା ପଦ୍ଧତି ମଧ୍ୟରେ ସୀମିତ ନୁହେଁ। ଏହା ହେଉଛି ନିଜ ଭିତରର ସତ୍ତାକୁ ଚିହ୍ନିବା ଏବଂ ବିଶ୍ୱବ୍ରହ୍ମାଣ୍ଡର ଶକ୍ତି ସହ ସଂଯୋଗ ହେବା। ଯେତେବେଳେ ଜଣେ ବ୍ୟକ୍ତି ଧାର୍ମିକ ଶୃଙ୍ଖଳା ମଧ୍ୟରେ ରହେ, ତା'ର ମନରେ ସକରାତ୍ମକ ଚିନ୍ତାଧାରା ଜନ୍ମ ନିଏ। ପ୍ରତିଦିନର ପ୍ରାର୍ଥନା, ଧ୍ୟାନ ଏବଂ ସାତ୍ତ୍ୱିକ ଆଚରଣ ମଣିଷର ଆତ୍ମବିଶ୍ୱାସ ବଢ଼ାଇଥାଏ। ଶାସ୍ତ୍ର କହେ- 'ଶରୀରମାଦ୍ୟଂ ଖଳୁ ଧର୍ମସାଧନମ୍' ଅର୍ଥାତ୍ ଧର୍ମ ସାଧନା ପାଇଁ ଶରୀର ଓ ତା'ର ପରିବେଶ ସୁସ୍ଥ ରହିବା ଏକାନ୍ତ ଆବଶ୍ୟକ।

ବାସ୍ତୁ ଶାସ୍ତ୍ର ଏକ ପ୍ରାଚୀନ ସ୍ଥାପତ୍ୟ ବିଜ୍ଞାନ। ଏହା ମୁଖ୍ୟତଃ ସୂର୍ଯ୍ୟାଲୋକ, ବାୟୁର ପ୍ରବାହ ଏବଂ ପୃଥିବୀର ଚୁମ୍ବକୀୟ ଶକ୍ତିକୁ ଆଧାର କରି ଗଠିତ। ବାସ୍ତୁ ଅନୁସାରେ ପ୍ରତିଟି ଦିଗର ଜଣେ ଜଣେ ଅଧିପତି ଦେବତା ଓ ଶକ୍ତି ରହିଥାନ୍ତି:

ଐଶାନ୍ୟ କୋଣ (ଉତ୍ତର-ପୂର୍ବ): ଏହି ଦିଗକୁ ଜ୍ଞାନ ଓ ପବିତ୍ରତାର ଦିଗ କୁହାଯାଏ। ଏଠାରେ ପୂଜାଘର ରହିଲେ ଘରେ ସୁଖ-ଶାନ୍ତି ବିରାଜମାନ କରେ।

ଆଗ୍ନେୟ କୋଣ (ଦକ୍ଷିଣ-ପୂର୍ବ): ଏହା ଅଗ୍ନିର ଦିଗ। ଏଠାରେ ରୋଷେଇ ଘର ରହିବା ଦ୍ୱାରା ପରିବାରର ସଦସ୍ୟଙ୍କ ସ୍ୱାସ୍ଥ୍ୟ ଭଲ ରହେ।

ନୈଋତ କୋଣ (ଦକ୍ଷିଣ-ପଶ୍ଚିମ): ଏହି ଦିଗ ପୃଥିବୀ ତତ୍ତ୍ୱର ପ୍ରତୀକ। ଶୋଇବା ଘର ଏଠାରେ ରହିବା ଦ୍ୱାରା ଜୀବନରେ ସ୍ଥିରତା ଓ ନିରାପତ୍ତା ଆସିଥାଏ।

ବାୟବ୍ୟ କୋଣ (ଉତ୍ତର-ପଶ୍ଚିମ): ଏହା ବାୟୁର ଦିଗ, ଯାହା ସମ୍ପର୍କ ଓ ଗତିଶୀଳତାର ପ୍ରତୀକ।

ଘରର ବାସ୍ତୁ ଠିକ୍ ଥିଲେ ମଧ୍ୟ ଯଦି ସେଠାରେ ରହୁଥିବା ଲୋକଙ୍କ ଆଚାର ବ୍ୟବହାର ଧାର୍ମିକ ନୁହେଁ, ତେବେ ସେଠାରେ ସୁଖ ମିଳିବା କଷ୍ଟକର। ସେହିପରି ଅତ୍ୟଧିକ ଆଧ୍ୟାତ୍ମିକ ହୋଇ ମଧ୍ୟ ଯଦି ଆମେ ପ୍ରାକୃତିକ ନିୟମ ବା ବାସ୍ତୁକୁ ଅବହେଳା କରୁ, ତେବେ ଶାରୀରିକ ଓ ଆର୍ଥିକ ସମସ୍ୟା ଦେଖାଦିଏ।

ଶୁଦ୍ଧତା: ଧର୍ମରେ ଶୌଚ ବା ଶୁଦ୍ଧତାକୁ ଗୁରୁତ୍ୱ ଦିଆଯାଏ। ବାସ୍ତୁ ମଧ୍ୟ କହେ ଘରର ବ୍ରହ୍ମସ୍ଥାନ (ମଝି ଭାଗ) କୁ ସର୍ବଦା ପରିଷ୍କାର ଓ ଖାଲି ରଖନ୍ତୁ।

ଉଦ୍ଭିଦ ଓ ପ୍ରକୃତି: ତୁଳସୀ ଚଉରାଟିଏ ଐଶାନ୍ୟ କୋଣରେ ରଖିବା ଧାର୍ମିକ ଦୃଷ୍ଟିରୁ ପୁଣ୍ୟ।

